# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

**Editor : S. SAM SELVA RAJ** | **16 Languages** | **Associate Editor : Sis. Surama Samuel**

**Vol. XXII** YEAR OF OUR LORD JESUS CHRIST, 2020 FEBRUARY **No. 3**


## ପବିତ୍ର ବାଇବଲ

(ଦୟାକରି ଏହି ଅଂଶଟିକୁ ମୁଖସ୍ଥ କରନ୍ତୁ)

ସଦାପ୍ରଭୁଙ୍କର ପ୍ରଶଂସା କର !

**(ଗୀତ ସଂହିତା ୨୦:୧ -୯)**

୧. ସଦାପ୍ରଭୁ ସଙ୍କଟ ଦିନରେ ତୁମ୍ଭକୁ ଉତ୍ତର ଦିଅନ୍ତୁ ; ଯାକୁବର ପରମେଶ୍ୱରଙ୍କ ନାମ ତୁମ୍ଭକୁ ଉଚ୍ଚରେ ସ୍ଥାପନ କରୁ ।

୨. ସେ ପବିତ୍ର ସ୍ଥାନରୁ ତୁମ୍ଭର ସାହାଯ୍ୟ ପଠାନ୍ତୁ । ସିୟୋନଠାରୁ ତୁମ୍ଭକୁ ବଳବାନ୍ କରନ୍ତୁ ।

୩. ତୁମ୍ଭର ନୈବେଦ୍ୟ ସବୁ ସ୍ମରଣ କରନ୍ତୁ, ପୁଣି ତୁମ୍ଭର ହୋମ ବଳି ଗ୍ରହଣ କରନ୍ତୁ ।

୪. ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରନ୍ତୁ ଓ ତୁମ୍ଭର ମନ୍ତ୍ରଣାସବୁ ସିଦ୍ଧ କରନ୍ତୁ ।

୫. ଆମ୍ଭେମାନେ ତୁମ୍ଭ ପରିତ୍ରାଣରେ ଜୟଧ୍ୱନି କରିବୁ ଓ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନାମରେ ଆମ୍ଭେମାନେ ଧ୍ୱଜା ସ୍ଥାପନ କରିବୁ; ସଦାପ୍ରଭୁ ତୁମ୍ଭର ସବୁ ନିବେଦନ ସିଦ୍ଧ କରନ୍ତୁ ।

୬. ଏବେ ମୁଁ ଜାଣୁଅଛି ଯେ, ସଦାପ୍ରଭୁ ଆପଣା ଅଭିଷିକ୍ତଙ୍କୁ ଉଦ୍ଧାର କରନ୍ତି, ସେ ଆପଣା ଦକ୍ଷିଣ ହସ୍ତର ତ୍ରାଣଶକ୍ତିରେ ନିଜ ପବିତ୍ର ସ୍ୱର୍ଗରୁ ତାହାଙ୍କୁ ଉତ୍ତର ଦେବେ ।

୭. କେହି କେହି ରଥରେ ଓ କେହି କେହି ଅଶ୍ୱରେ ନିର୍ଭର କରନ୍ତି, ମାତ୍ର ଆମ୍ଭେମାନେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନାମ କୀର୍ତ୍ତନ କରିବା ।

୮. ସେମାନେ ନତ ହୋଇ ପତିତ ହୋଇଅଛନ୍ତି, ମାତ୍ର ଆମ୍ଭେମାନେ ଉଠି ସଳଖ ଠିଆ ହେଉଅଛୁ ।

୯. ହେ ସଦାପ୍ରଭୋ, ପରିତ୍ରାଣ କର; ଆମ୍ଭେମାନେ ଡାକିବା ବେଳେ ରାଜା ଆମ୍ଭମାନଙ୍କୁ ଉତ୍ତର ଦିଅନ୍ତୁ ।

## ନିଜର ଭବିଷ୍ୟତ୍‌କୁ ନିଜେ ରୂପ ଦିଅନ୍ତୁ !

## FRAME YOUR FUTURE YOURSELF !

"... ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ କରିବାକୁ ଓ ତାହାଙ୍କ ରବରେ ଅବଧାନ କରିବାକୁ ଓ ତାହାଙ୍କ ଠାରେ ଆସକ୍ତ ହେବାକୁ ମନୋନୀତ କର; କାରଣ ସେ ତୁମ୍ଭର ଜୀବନ ଓ ଦୀର୍ଘ ପରମାୟୁ ଅଟନ୍ତି" (ଦ୍ୱିତୀୟ ବିବରଣ ୩୦:୨୦) ।

(ମୁଖ୍ୟ ଉପାସନାଳୟରେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା)

ଏହି ଜଗତର ଲୋକମାନେ ଜୀବନରେ ବୃଦ୍ଧି ଓ ଅସୁସ୍ଥତା ବିନା ଏକ ଦୀର୍ଘ ଜୀବନ ନିମନ୍ତେ ବ୍ୟାକୁଳ ହୁଅନ୍ତି ଓ ଏହାକୁ ପାଇବା ପାଇଁ, ସେମାନେ ଅନେକ ପଦକ୍ଷେପ ଓ ପ୍ରଚେଷ୍ଟା ଅବଲମ୍ବନ କରନ୍ତି । ଏହାର ଅନ୍ୱେଷଣରେ କେତେ ଜଣ ସଫଳତା ପାଆନ୍ତି ଓ ଅନେକେ ବିଫଳତା ପାଆନ୍ତି । ଗୋଟିଏ କଥନ ଅନୁସାରେ, ସମସ୍ତ ଶିକ୍ଷିତ ବ୍ୟକ୍ତି ସଫଳ ନୁହଁନ୍ତି ଓ ସମସ୍ତ ସଫଳ ବ୍ୟକ୍ତି ଶିକ୍ଷିତ ନୁହଁନ୍ତି । ଏହି ଜଗତରେ କିଛି ଲାଭ କରିବା ପାଇଁ, ଜଣେ ବ୍ୟକ୍ତିଙ୍କୁ ଈଶ୍ୱରଙ୍କର ଦୟା ଓ ଅନୁଗ୍ରହ ପ୍ରାପ୍ତ ହେବାକୁ ପଡ଼ିବ ।

ସର୍ବ ଶକ୍ତିମାନ ଈଶ୍ୱର ତାଙ୍କଠାରେ ଦୃଢ଼ଭାବରେ ବିଶ୍ୱାସ କରୁଥିବା ତାଙ୍କ ଲୋକମାନଙ୍କ ମାଧ୍ୟମରେ ଅନେକ ଉତ୍ତମ ବିଷୟ ଓ ଆଧୁନିକ ଉପକରଣ ପ୍ରଦାନ କରିଛନ୍ତି, ଆଜିକାଲି, ଆମେ ବିଦ୍ୟୁତ୍, ବିଭିନ୍ନ ପ୍ରକାର ବଲ୍‌ବ, ମୋଟର ଗାଡି, ଦୁଇ ଚକିଆ ଯାନ, ଉଡ଼ାଜାହାଜ, ରେଳଗାଡ଼ି, ଟ୍ରାକ୍ଟର, ଘଣ୍ଟା, କ୍ୟାମେରା, ସିଲେଇ ମେସିନ୍, ଔଷଧ, ଇତ୍ୟାଦି, ଅନେକ ଦ୍ରବ୍ୟ ଓ ବିଷୟ ବ୍ୟବହାର କରୁଅଛୁ । ମାତ୍ର ଯେତେବେଳେ ଆମେ ଏହି ବିଷୟଗୁଡ଼ିକର ଉଦ୍ଭାବକମାନଙ୍କର ପୃଷ୍ଠଭୂମି ପ୍ରତି ଦୃଷ୍ଟିପାତ କରୁ, ସେତେବେଳେ ଆମେ ଦେଖି ଆଶ୍ଚର୍ଯ୍ୟ ହୋଇପାରୁ ଯେ ଏହି ସମସ୍ତ ଉଦ୍ଭାବନ ପଛରେ ଆମର ଜୀବିତ ଈଶ୍ୱର ରହିଛନ୍ତି । ସେଥିପାଇଁ, ଯେଉଁ ଲୋକମାନେ ସୃଷ୍ଟିକର୍ତ୍ତାଙ୍କୁ ଜାଣି ନ ଥିଲେ, ସେମାନେ ଏହି ଜଗତରେ ପ୍ରାୟ କିଛି ଉଦ୍ଭାବନ କରି ନ ଥିଲେ । ମାତ୍ର ଆମେ ସମସ୍ତେ ଈଶ୍ୱରଙ୍କ ଲୋକମାନଙ୍କ ଉଦ୍ଭାବନର ଫଳ ଭୋଗ କରୁଅଛୁ ।

ଈଶ୍ୱର ଏହି ବର୍ଷ ଆପଣଙ୍କ ମାଧ୍ୟମରେ କିଛି ନୂତନ ବିଷୟ କରିବାକୁ ଇଚ୍ଛା କରୁଛନ୍ତି । ଈଶ୍ୱରଙ୍କ ଯୋଜନା ଓ ଏହାର କାର୍ଯ୍ୟକାରିତାର ଉପକାରିତା ସେହିପରିଭାବେ ସମସ୍ତଙ୍କର ଅଟେ, ଯେପରିଭାବେ ଆମେ ବାୟୁ, ବର୍ଷା, ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଉପଭୋଗ କରନ୍ତି, ଈଶ୍ୱର କାହାପ୍ରତି ପକ୍ଷପାତିତା କରନ୍ତି ନାହିଁ (ଏଫିସୀୟ ୬:୯) । ଆପଣଙ୍କ ମାଧ୍ୟମରେ ଈଶ୍ୱରଙ୍କ ଯୋଜନା ପ୍ରକାଶିତ ହେବାର ବହୁଳ ସମ୍ଭାବନା ଅଛି ଓ ଆପଣ ପ୍ରଚୁରଭାବେ ଆଶୀର୍ବାଦପ୍ରାପ୍ତ ଅଟନ୍ତି । ଈଶ୍ୱର ଦରିଦ୍ରକୁ ଧୂଳିରୁ ଓ ଦୀନହୀନକୁ ଖତରାଶିରୁ ଉଠାନ୍ତି (୧ ଶାମୁୟେଲ୍ ୨:୮) । ଆପଣ ହୁଏତ ଜୀବନରେ ସବୁକିଛି ହରାଇ ଦେଇଥିବେ, ମାତ୍ର ମନେ ରଖନ୍ତୁ ଯେ ଆପଣ ଆପଣଙ୍କର ଭବିଷ୍ୟତକୁ ହରାଇ ନାହାଁନ୍ତି ! ପ୍ରସ୍ତୁତ ରହନ୍ତୁ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣଙ୍କ ନିମନ୍ତେ ପ୍ରସ୍ତୁତ କରି ରଖିଥିବା ଆଶୀର୍ବାଦର ଅଧିକାରୀ ହେବା ପାଇଁ ଆଗେଇ ଆସନ୍ତୁ !

ପ୍ରାୟ ପଚାଶ ବର୍ଷ ପୂର୍ବେ, ମୋ ଜୀବନରେ ପ୍ରାୟ ସମାନ ପରିସ୍ଥିତି ଆସିଥିଲା । ମୋର ଆତ୍ମୀୟ ଓ ବନ୍ଧୁମାନଙ୍କ ମଧ୍ୟରେ, କେତେଜଣ ମଦ୍ୟ, ନିଶା ବଟିକା, ସିନେମା ପ୍ରତି ଆସକ୍ତ ଥିଲେ, ଶାରୀରିକ ଅଭିଳାଷର ଶିକାର ଥିଲେ, ପୌତ୍ତଳିକ, ମିଥ୍ୟାବାଦୀ, ଅତ୍ୟାଚାରୀ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

*Touching Lives by Teaching.....Since 1969.*

# ଆହ୍ୱାନର ପ୍ରତିଧ୍ୱନି

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS




**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.

**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.

**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in

**Websites :**
www.echoofhiscall.org
www.echoofhiscall.com

## ସଂପାଦକୀୟ....



**"ସଦାପ୍ରଭୁ ... ମଙ୍ଗଳାର୍ଥେ ତୁମ୍ଭକୁ ବର୍ଦ୍ଧିଷ୍ଣୁ କରିବେ"**
**(ଦ୍ୱିତୀୟ ବିବରଣ ୨୮ : ୧୧) ।**

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରିୟ ବନ୍ଧୁଗଣ,

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ! ଈଶ୍ୱର ତାଙ୍କ ସୁସମାଚାର ମାଧ୍ୟମରେ ବିଭିନ୍ନ ସଂସ୍କୃତିର ଲୋକମାନଙ୍କ ଜୀବନକୁ ସ୍ପର୍ଶ କରି ତାଙ୍କ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ ବର୍ଷାଇଥିବାରୁ, ଆମେ ତାଙ୍କ ପ୍ରତି ଅତି କୃତଜ୍ଞ ଅଟୁ । ଆପଣମାନେ ଏହି ପତ୍ରିକାଟିକୁ ପଢୁଥିବାରୁ, ଆମ ପାଇଁ ପ୍ରାର୍ଥନା କରୁଥିବାରୁ ଓ ଆମକୁ ଅର୍ଥ ସହାୟତା ଦେଉଥିବାରୁ ଆମେ ଆପଣମାନଙ୍କ ପ୍ରତି ମଧ୍ୟ ଅତି କୃତଜ୍ଞ ଅଟୁ ।

ଆପଣମାନେ ଜାଣନ୍ତି ଯେ ଆମେ ଆମର ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଗୌରବମୟ ବାର୍ତ୍ତା ପ୍ରେରଣ କରିବାରେ ୨୦୧୯ ଡିସେମ୍ବର ୧ତାରିଖଠାରୁ ୨୦୨୦ ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ଅତି ବ୍ୟସ୍ତ ଥିଲୁ । ଈଶ୍ୱର ଜଣେ ବିଶ୍ୱସ୍ତ କର୍ତ୍ତାଭାବରେ ଆମର ମୌଳିକ ଆବଶ୍ୟକତା ଗୁଡ଼ିକୁ ଯୋଗାଇ ଆସିଛନ୍ତି ଓ ଜାତିସମୂହ ନିମନ୍ତେ ତାଙ୍କର ଦର୍ଶନ ପୂରଣ କରିବା ପାଇଁ ଆମକୁ ଚାଳନା ଦେଇ ଆସିଛନ୍ତି ।

ଆପଣମାନଙ୍କର ହ୍ୱାଟସ୍‌ଆପ୍ SMS, e-mails, ଟେଲିଫୋନ୍ ବାର୍ତ୍ତା, ଇତ୍ୟାଦି ମାଧ୍ୟମରେ ଆମେ ଉତ୍ସାହିତ ହେଉ । ଈଶ୍ୱର ଆପଣମାନଙ୍କର ଦୟା ଓ ପ୍ରେମ ପାଇଁ ଆପଣମାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ । ଯେଉଁମାନେ ଆମକୁ SMS ଓ Whatsapp ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି, ସେମାନଙ୍କୁ ଆମେ ଧନ୍ୟବାଦ ଜଣାଉଅଛୁ ।

"ଆହ୍ୱାନର ପ୍ରତିଧ୍ୱନି", ୨୦୨୦ ଜାନୁୟାରୀ ସଂଖ୍ୟାରେ ଉଲ୍ଲିଖିତ ପ୍ରାର୍ଥନାର ବିଷୟଗୁଡ଼ିକ ପାଇଁ, ଆମେ ଈଶ୍ୱରଙ୍କଠାରୁ ଉତ୍ତମ ଉତ୍ତର ପାଇଥିଲୁ । ଆମେ ବାସ୍ତବରେ ଆମର ପ୍ରାର୍ଥନା ସାଥୀ ଓ ସାହାଯ୍ୟକାରୀମାନଙ୍କ ପାଇଁ ଗର୍ବିତ ଅଟୁ ।

ପ୍ରତିବର୍ଷ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ପଢୁଥିବା ଆମର ସମସ୍ତ ଛାତ୍ର ସେମାନଙ୍କ ବୋର୍ଡ ପରୀକ୍ଷାରେ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଛନ୍ତି । ଏହି ବର୍ଷ ମଧ୍ୟ, ଆମେ ଏପ୍ରିଲ ୨୦୨୦ରେ ଅନୁଷ୍ଠିତ ହେବାକୁ ଯାଉଥିବା ଆଗାମୀ ସରକାରୀ ପରୀକ୍ଷାରେ ଆମ ଛାତ୍ରମାନଙ୍କର ସଫଳତା ପାଇଁ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।

ଆମେ ଆମର ମଣ୍ଡଳୀରଗୁଡ଼ିକ, ୧୬ଟି ଭାଷାରେ ପ୍ରକାଶନ, ନିହିମିୟା ବାଇବଲ କଲେଜ, ସୁସମାଚାର ଛାପାକଳ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ । ଆମେ ପ୍ରଭୁରେ ଆପଣମାନଙ୍କୁ ପ୍ରେମ କରୁ ଓ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁ ।

ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ,**
**- ଏସ୍. ସାମ୍. ସେଲ୍‌ଭାରାଜ୍ -**

**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · Village English High School · Crusades · 100 Prayer Warriors · Community Development

( ୧ମ ପୃଷ୍ଠାର ଅବଶିଷ୍ଟାଂଶ )

ଚୋର, ଅର୍ଥପ୍ରିୟ ଥିଲେ ଓ ଈଶ୍ୱରଙ୍କ ବାକ୍ୟକୁ ପରିତ୍ୟାଗ କରିଥିଲେ । ମୁଁ ମଧ ସେହିସବୁ ପାପରୁ ମୁକ୍ତ ନ ଥିଲି । ମାତ୍ର ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଭୟଙ୍କର ପାପର ଆସକ୍ତିରୁ ମୋତେ ରକ୍ଷା କରିଥିଲେ । ଏହି ଘଡିସନ୍ଧି ମୁହୂର୍ତ୍ତରେ ମୁଁ ଗୋଟିଏ ନିଷ୍ପତ୍ତି ନ ନେଇ ରହିପାରି ନ ଥିଲି ।

ମୁଁ ଏହିପରି ଦ୍ୱନ୍ଦ୍ୱରେ ଥିବା ସମୟରେ, ଜି. ଜେୟାନାଥ ପଲ୍‌ମୋନୀ ନାମକ ମୋର ଜଣେ ସହପାଠୀ ମୋତେ ଗୋଟିଏ ସୁସମାଚାର ପତ୍ରିକା ଦେଇ ତାକୁ ପଢିବାକୁ କହିଲେ । ସେହି ପତ୍ରିକାଟି ଚେନ୍ନାଇର ଭାଇ. ଶାମୁଏଲ୍ ଦାନିୟେଲଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ମୁଁ ଦୁଇ ମିନିଟ ମଧ୍ୟରେ ସେହି ପତ୍ରିକାଟିକୁ ପଢିଦେଲି । ସେହି ପତ୍ରିକାଟିର ବାର୍ତ୍ତା ଥିଲା ଯୀଶୁ ଖ୍ରୀଷ୍ଟ ତୁମକୁ ପ୍ରେମ କରନ୍ତି । ଏହା ମୋତେ ଅତି ଆକର୍ଷିତ କରିଥିଲା । ମୁଁ ବାରମ୍ବାର ପତ୍ରିକାଟିକୁ ପାଠ କରିଥିଲି ।

ମୁଁ ଏହା ବୁଝିଥିଲି ଯେ କଣ ଭଲ ଓ କଣ ମନ୍ଦ, ତାହା ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଶିକ୍ଷା ଦେଇଛନ୍ତି । ସେଥିପାଇଁ, ମୁଁ ଭଲ ବିଷୟଗୁଡ଼ିକର ଅନ୍ୱେଷଣ କରିବା ଆରମ୍ଭ କରିଥିଲି । ପ୍ରଭୁ ମୋତେ ଧରିଥିଲେ । "ମାତ୍ର ସଦାପ୍ରଭୁ ଆପଣା ପାଇଁ ସଦ୍‌ଭକ୍ତ ଲୋକକୁ ପୃଥକ୍ କରି ରଖିଅଛନ୍ତି, ଏହା ଜ୍ଞାତ ହୁଅ" (ଗୀତସଂହିତା ୪:୩) । ମୁଁ ବିନା ସର୍ତ୍ତରେ ମୋର ସମଗ୍ର ହୃଦୟକୁ ଓ ମୋର ଭବିଷ୍ୟତ୍‌କୁ ତାଙ୍କ ନିକଟରେ ସମର୍ପଣ କରିଥିଲେ । ମୁଁ ମୋର ଆଭ୍ୟନ୍ତରୀଣ ହୃଦୟରେ ଖୁସି ପାଇଥିଲି ।

"ମୋହର ପ୍ରିୟତମ ଶ୍ୱେତ ଓ ରକ୍ତ ବର୍ଣ୍ଣ, ଦଶ ସହସ୍ର ମଧ୍ୟରେ ପ୍ରଧାନ । ତାଙ୍କର ମସ୍ତକ ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ, ତାଙ୍କର କେଶ କୁଞ୍ଚିତ ଓ ଡମରାକୁଆ ତୁଲ୍ୟ କୃଷ୍ଣବର୍ଣ୍ଣ । ତାଙ୍କର ନେତ୍ର ଯୁଗଳ ଜଳସ୍ରୋତ ନିକଟସ୍ଥ କପୋତ ତୁଲ୍ୟ; ଦୁଗ୍ଧରେ ଧୌତ ଓ ଯଥା ସ୍ଥାନରେ ସ୍ଥାପିତ । ତାଙ୍କର ଗଣ୍ଡଦେଶ ସୁଗନ୍ଧି ଲତାର କିଆରି ସଦୃଶ, ସୁଗନ୍ଧି ତୃଣର ଟଟ ସ୍ୱରୂପ; ତାଙ୍କର ଓଷ୍ଠାଧର ଶୋଶନ୍ ପୁଷ୍ପ ତୁଲ୍ୟ, ତହିଁରୁ ଦ୍ରବ୍ୟ ଗନ୍ଧରସ କ୍ଷରେ । ତାଙ୍କ ହସ୍ତ ଦ୍ୱୟ ବୈଦୁର୍ଯ୍ୟ ମଣିରେ ଖଚିତ ସୁବର୍ଣ୍ଣ ମୁଦ୍ରିକା ତୁଲ୍ୟ, ତାଙ୍କ ଶରୀର ନୀଳକାନ୍ତ ମଣି-ମଣ୍ଡିତ ଗଜଦନ୍ତମୟ ଶିଳ୍ପକର୍ମ ତୁଲ୍ୟ । ତାଙ୍କ ଚରଣ ଯୁଗଳ ଶୁଦ୍ଧ ସୁବର୍ଣ୍ଣ ଚୁଙ୍ଗିରେ ସ୍ଥାପିତ ମର୍ମର ପ୍ରସ୍ତରର ସ୍ତମ୍ଭ ତୁଲ୍ୟ; ତାଙ୍କର ଦୃଶ୍ୟ ଲିବାନୋନ୍ ସଦୃଶ ଏରସ ବୃକ୍ଷ ତୁଲ୍ୟ ଉତ୍କୃଷ୍ଟ । ତାଙ୍କ ମୁଖ ଅତ୍ୟନ୍ତ ସୁମିଷ୍ଟ; ହଁ, ସେ ସର୍ବତୋଭାବେ ମନୋହର । ଆଗୋ ଯିରୂଶାଲମର କନ୍ୟାଗଣ, ଏହି ମୋହର ପ୍ରିୟତମ, ଏହି ମୋହର ସଖା" (ପରମ ଗୀତ ୫:୧୦ - ୧୬) ।

ମୁଁ ଯୀଶୁଙ୍କଠାରେ ଏକ ପବିତ୍ର ବନ୍ଧୁ ପାଇଲି ଓ ତାଙ୍କୁ ମୋର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବାର ଜ୍ଞାନ ଲାଭ କଲି । ଏହି ମନୋନୟନ ମୋର ଜୀବନକୁ ଓଲଟ ପାଲଟ କରିଦେଲା ।

ମୁଁ କଥା କହିବା ଓ ପଢିବାରେ ଧୀର ଥିଲି, ମୋର କୌଣସି ରାଜନୈତିକ ପୃଷ୍ଠଭୂମି, କୌଣସି ଅର୍ଥ ସହାୟତା କିମ୍ବା ମାନବ ଶକ୍ତି ନ ଥିଲା । ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋତେ ଉଠାଇ ଅଛନ୍ତି । ବର୍ତ୍ତମାନ ମୋର କୌଣସି ଅଭାବ ନାହିଁ । ସେହି ସମାନ ଯୀଶୁ ଆପଣଙ୍କୁ ମଧ ଉଠାଇବେ । "ତାଙ୍କ ନିକଟକୁ ଆସନ୍ତୁ । ଜୀବନରେ ଉତ୍ଥାନ ସୁନିଶ୍ଚିତ ଅଟେ !"

ପ୍ରଭୁଙ୍କୁ ମାନବିକତା ଦିଆଯିବା ଗୋଟିଏ ବଡ଼ ସୌଭାଗ୍ୟ ଅଟେ । ଯଦି ଆପଣ ଆଗକୁ ଆସି ଏହାକୁ ମନୋନୀତ କରିବେ, ତେବେ ଏହା ଆପଣଙ୍କ ଜୀବନରେ ଏକ ସୌଭାଗ୍ୟ ହେବ ! ଏହି ପଥ ମାଧ୍ୟମରେ ଆପଣ ସ୍ୱର୍ଗର ଧନର ଅଧିକାରୀ ହୋଇ ପାରିବେ । ଗୋଟିଏ ଉତ୍ତମ ମନୋନୟନର ଅର୍ଥ ଏହା ଅଟେ ଯେ ଆପଣ ପ୍ରଭୁଙ୍କ ପସନ୍ଦର ବିଷୟକୁ ମନୋନୀତ କରୁଛନ୍ତି !

ଆପଣଙ୍କ ଅତୀତ ଜୀବନ ତିକ୍ତ ହୋଇଥାଇପାରେ, ମାତ୍ର ଆପଣ ଆପଣଙ୍କର ଭବିଷ୍ୟତ୍ ବିଷୟରେ ଭୟଭୀତ ହେବା ଆବଶ୍ୟକ ନୁହେଁ । ଭୟ କରନ୍ତୁ ନାହିଁ । ଆପଣଙ୍କ ପାଇଁ ଏକ ସୁସମ୍ବାଦ ଅପେକ୍ଷା କରୁଅଛି ! ଆପଣ ନିଜର ଭବିଷ୍ୟତ୍‌କୁ ମନୋନୀତ କରିପାରିବେ କି ? ଆପଣ ଗୋଟିଏ ଶାନ୍ତିପୂର୍ଣ୍ଣ ଭବିଷ୍ୟତ୍ ଚାହୁଁଛନ୍ତି କି ? ତାହା ଆପଣଙ୍କ ହସ୍ତରେ ଅଛି ! ପ୍ରଭୁ ଆପଣଙ୍କୁ ଅନେକ ସମୟରେ କଥା କହିଛନ୍ତି ! ତାଙ୍କ ଆଜ୍ଞା ପାଳନ କରିବାର ସଂକଳ୍ପ ସହିତ, ଆଜି ଗୋଟିଏ ନିଷ୍ପତ୍ତି ନିଅନ୍ତୁ । ନିଷ୍ପତ୍ତି ଆପଣଙ୍କର ଅଟେ । ଆପଣ ଅନ୍ୟ କାହାର ସହାୟତା ନେବା ଆବଶ୍ୟକ ନୁହେଁ କାରଣ ଏହା ସମୁଦ୍ର କିମ୍ବା ଆକାଶମଣ୍ଡଳର ଉର୍ଦ୍ଧ୍ୱରେ ନାହିଁ ଯେ କେହି ଜଣେ ଉପରକୁ ଚଢି ଆପଣଙ୍କ ନିକଟକୁ ଏହା ଆଣିବ । ଆପଣଙ୍କୁ କେବଳ ଆପଣଙ୍କ ହୃଦୟରେ ପ୍ରଭୁଙ୍କୁ ବିଶ୍ୱାସ କରିବାକୁ ଓ ଆପଣଙ୍କ ମୁଖରେ ଏହାକୁ ଘୋଷଣା କରିବାକୁ ହେବ । ଆପଣ ନିଜ ହୃଦୟରେ ଯେଉଁ ବିଶ୍ୱାସ ଗଠନ କରନ୍ତି ଓ ଆପଣଙ୍କ ମୁଖରେ ଯେଉଁ ବାକ୍ୟ ଘୋଷଣା କରନ୍ତି, ତାହା ଉପରେ ଆପଣଙ୍କ ଭବିଷ୍ୟତ୍ ନିର୍ଭର କରେ ।

"ଆଜି ମୁଁ ତୁମ୍ଭକୁ ଯେଉଁ ଆଜ୍ଞା ଦେଉଅଛି, ତାହା ଅତିରିକ୍ତ କଠିନ ନୁହେଁ, କିଅବା ଦୂରବର୍ତ୍ତୀ ନୁହେଁ । ତାହା ସ୍ୱର୍ଗରେ ନାହିଁ ଯେ, ତୁମ୍ଭେ କହିବ, 'ଆମ୍ଭେମାନେ ଯେପରି ତାହା ପାଳନ କରିବୁ, ଏଥିପାଇଁ କିଏ ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗକୁ ଯାଇ ତାହା ଆମ୍ଭମାନଙ୍କ ନିକଟକୁ ଆଣିବ ଓ ଆମ୍ଭମାନଙ୍କୁ ଶୁଣାଇବ ?' କିଅବା ତାହା ସମୁଦ୍ର ସେପାରିରେ ନାହିଁ ଯେ, ତୁମ୍ଭେ କହିବ, 'ଆମ୍ଭେମାନେ ଯେପରି ତାହା ପାଳନ କରିବୁ, ଏଥିପାଇଁ କିଏ ଆମ୍ଭମାନଙ୍କ ନିମନ୍ତେ ସମୁଦ୍ର ପାର ହୋଇ ତାହା ଆମ୍ଭମାନଙ୍କ ନିକଟକୁ ଆଣିବ ଓ ଆମ୍ଭମାନଙ୍କୁ ଶୁଣାଇବ ?' ମାତ୍ର ତୁମ୍ଭ ପାଳନାର୍ଥେ ସେହି ବାକ୍ୟ ତୁମ୍ଭର ଅତି ନିକଟରେ, ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି ।" (ଦ୍ୱିତୀୟ ବିବରଣ ୩୦ : ୧୧ - ୧୪) ।

ସଦାପ୍ରଭୁ ଅତି ସ୍ୱଷ୍ଟ ଓ ସରଳଭାବରେ ଜୀବନ, ଦୀର୍ଘ ଜୀବନ ଓ ଜୀବନରେ ବିଜୟର ରହସ୍ୟକୁ ଦ୍ୱିତୀୟ ବିବରଣ ୩୦:୨୦ରେ ଜଣାଇ ଅଛନ୍ତି । "ଯଦି ତୁମ୍ଭେମାନେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ କରିବାକୁ ଓ ତାହାଙ୍କ ରବରେ ଅବଧାନ କରିବାକୁ ଓ ତାହାଙ୍କଠାରେ ଆସକ୍ତ ହେବାକୁ ମନୋନୀତ କର, "ତେବେ ତୁମ୍ଭମାନଙ୍କର ମଙ୍ଗଳ ହେବ, "କାରଣ ସେ ତୁମ୍ଭର ଜୀବନ ଓ ଦୀର୍ଘ ପରମାୟୁ ଅଟନ୍ତି ।"

**୧) ତୁମ୍ଭର ଈଶ୍ୱରଙ୍କୁ ପ୍ରେମ କର !**

କେତେକ ଲୋକ ଏହି ଜଗତର ପ୍ରେମକୁ ଭୁଲ୍ ସ୍ଥାନରେ ବିନିଯୋଗ କରିଥାନ୍ତି, ଯଥା - ଶାରୀରୀକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ । "ହେ ପିତୃଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି, କାରଣ ଯେ ଆଦ୍ୟରୁ ଅଛନ୍ତି, ତାହାଙ୍କୁ ତୁମ୍ଭେମାନେ ଜାଣିଅଛ । ହେ ଯୁବକମାନେ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି, କାରଣ ତୁମ୍ଭେମାନେ ବଳବାନ୍, ପୁଣି ଈଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କଠାରେ ଅଛି ଓ ତୁମ୍ଭେମାନେ ପାପାତ୍ମାକୁ ଜୟ କରିଅଛ । ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରୀରୀକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ । ପୁଣି, ସଂସାର ଓ ସେଥିରେ ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ ନିତ୍ୟସ୍ଥାୟୀ" (୧ ଯୋହନ ୨ : ୧୪ - ୧୭) ।

ଜଗତର ସମ୍ବାଦଗୁଡ଼ିକ ପ୍ରତି ଦୃଷ୍ଟିପାତ କରନ୍ତୁ । ସବୁସ୍ଥାନରେ ନରହତ୍ୟା, ଚୋରି, ଧର୍ଷଣ, ଅର୍ଥନୈତିକ ଅପରାଧ ଇତ୍ୟାଦି ଦେଖାଯାଉଛି ଓ ଏହା ସାଧାରଣ ଲୋକର ଜୀବନକୁ ପ୍ରଭାବିତ କରୁଛି । ଲୋକମାନେ ଭୁଲ୍ ସ୍ଥାନରେ ସେମାନଙ୍କ ପ୍ରେମ ବୁଣୁଥିବାରୁ ଏହି ସମସ୍ତ ଘଟଣା ଘଟୁଅଛି । ଲୋକମାନେ ସେମାନଙ୍କ ପିତା, ପରମେଶ୍ୱରଙ୍କ ବିଷୟରେ ଭାବନ୍ତି ନାହିଁ ଓ ଅନେକ ଲୋକ ସୃଷ୍ଟ ବିଷୟ ସକଳରେ ସେମାନଙ୍କ ବିଶ୍ୱାସ ସ୍ଥାପନ କରନ୍ତି । ବାଇବଲ କହେ, "ଯୌବନ କାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର"

(ଉପଦେଶକ ୧୨:୧) । ରାଜନୈତିକ ନେତାମାନଙ୍କ ପ୍ରତି ନିଜନିଜର ଜୀବନ ଉତ୍ସର୍ଗ କରୁଥିବା ଲୋକମାନଙ୍କ ସଂଖ୍ୟା ଓ ଧର୍ଷଣ ଓ ହତ୍ୟାରେ ନିୟୋଜିତ ଲୋକମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସେମାନେ ସେମାନଙ୍କ ସୃଷ୍ଟିକର୍ତ୍ତାଙ୍କୁ ଭୁଲି ଯାଇଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଥିଲେ, "ତୁମ୍ଭେମାନେ ପ୍ରଥମରେ ଈଶ୍ୱରଙ୍କ ରାଜ୍ୟ ଓ ତାଙ୍କ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ତୁମ୍ଭମାନଙ୍କୁ ଦିଆଯିବ (ମାଥିଉ ୬ : ୩୩) । ଅତି ଅଳ୍ପ ଲୋକ ଏହି ଆହ୍ୱାନକୁ ଶୁଣନ୍ତି ଓ ତଦନୁସାରେ କାର୍ଯ୍ୟ କରନ୍ତି ।

'ପ୍ରଥମ'ର ଅର୍ଥ ହେଉଛି ଜୀବନର ସମସ୍ତ କାର୍ଯ୍ୟ ମଧ୍ୟରେ ଈଶ୍ୱରଙ୍କୁ ପ୍ରାଥମିକତା ଦେବା । ସେପରି କରିବା ସମୟରେ, ଆପଣ ଜୀବନରେ ଅଦ୍ଭୁତ ଓ ଆଶ୍ଚର୍ଯ୍ୟ କର୍ମ ଦେଖିବେ ।

ମୁଁ, ଯିଏ କି ଆପଣଙ୍କ ସମ୍ମୁଖରେ କଥା କହୁଅଛି, ମୋ ଜୀବନରେ ଏହାର ଅନୁଭୂତି ପାଇଅଛି । ମୁଁ ଆପଣଙ୍କ ନିକଟରେ ଅତି ଉତ୍ତମଭାବେ ସାକ୍ଷ୍ୟ ଦେଇପାରେ ଯେ ମୋର ସମସ୍ତ ଧନ, ସମୟ, ଶିକ୍ଷା, ଶାରୀରୀକ ସ୍ୱାସ୍ଥ୍ୟ, ଇତ୍ୟାଦିରେ, ମୁଁ ମୋର ପ୍ରଭୁଙ୍କୁ ପ୍ରାଥମିକତା ଦିଏ । ସେଥିପାଇଁ ପ୍ରଭୁ ମୋତେ ହଜାର ହଜାର ଲୋକଙ୍କ ପ୍ରତି ଏକ ଆଶୀର୍ବାଦର ମାଧ୍ୟମ ଭାବରେ ବ୍ୟବହାର କରୁଛନ୍ତି । ଆପଣ ମଧ୍ୟ ଆଗକୁ ଆସନ୍ତୁ ! ଆପଣଙ୍କର କୌଣସି ବିଷୟକୁ ପ୍ରଭୁ ଆପଣଙ୍କଠାରୁ ନେଇ ଯିବେ ନାହିଁ । ପ୍ରଭୁ ଆପଣଙ୍କୁ ସମୃଦ୍ଧି କରିବେ ଓ ଆପଣଙ୍କ କାର୍ଯ୍ୟକୁ ବହୁ ଗୁଣିତ କରିବେ ଓ ଆପଣଙ୍କୁ ଓ ଆପଣଙ୍କ ବଂଶଧରମାନଙ୍କୁ ମଧ୍ୟ ଆଶୀର୍ବାଦ କରିବେ ।

ଯେଉଁଲୋକମାନେ ଶାରୀରୀକ ଅଭିଳାଷ, ପ୍ରଲୋଭନକାରୀ ଆମୋଦ ପ୍ରମୋଦ ଓ ପ୍ରେମ ଜନିତ କାର୍ଯ୍ୟ କଳାପରେ ସେମାନଙ୍କ ପ୍ରେମକୁ ବିନିଯୋଗ କରନ୍ତି, ସେମାନେ ସେମାନଙ୍କ ପ୍ରେମକୁ ଈଶ୍ୱରଙ୍କ ପ୍ରତି ରଖି ତାହାର ଫଳା ଫଳକୁ ଦେଖନ୍ତୁ । ଏହା ଏକ ଆହ୍ୱାନ ଅଟେ । ଆମ ପ୍ରଭୁ ଯୀଶୁଙ୍କ ଭଳି ଜଣେ ପ୍ରକୃତ ପ୍ରେମିକ ଓ ବନ୍ଧୁ ଆଉ କେହି ନାହିଁ ।

ବହୁ ସଂଖ୍ୟକ ଲୋକ ଚକ୍ଷୁର ପାପ ଓ ସେମାନଙ୍କର ଅର୍ଥ ଲାଳସା ଯୋଗୁ ଦୁଃଖଭୋଗ କରନ୍ତି ଓ ସେମାନେ ଏଥିରୁ ବାହାରି ଆସି ପାରନ୍ତି ନାହିଁ । ସେମାନଙ୍କର ପାପକୁ ସାଧନ କରିବା ପାଇଁ, ଟେଲିଭିଜନ, ଇଣ୍ଟରନେଟ ଓ ମୋବାଇଲ ଭଳି ଆଧୁନିକ ଉଦ୍ଭାବନଗୁଡ଼ିକ ସେମାନଙ୍କୁ ସାହାଯ୍ୟ କରନ୍ତି । କେତେକ ଲୋକ ସେମାନଙ୍କ ପ୍ରତିମା (ଆଦର୍ଶ ବ୍ୟକ୍ତି), ସେମାନଙ୍କ ଶୈଳୀ ଓ ଧନ ଦ୍ୱାରା ପ୍ରଲୁବ୍ଧ ହୁଅନ୍ତି । ସେମାନେ ଅପରାଧରେ ଆସକ୍ତ ହୋଇ, ଶେଷରେ କାରାଗାରରେ ଓ ଦୁରାରୋଗ୍ୟ ରୋଗ ସହିତ ଡାକ୍ତରଖାନାରେ ସମୟ କାଟନ୍ତି ।

ପ୍ରିୟ ବନ୍ଧୁ, ଆଜି ଆପଣ ଆପଣଙ୍କ ପ୍ରେମକୁ କେଉଁଠାରେ ବିନିଯୋଗ କରୁଛନ୍ତି ? ଆପଣ ସଠିକ୍ ସ୍ଥାନରେ ବିନିଯୋଗ କରିଛନ୍ତି କି ? ଆପଣ ଏହାର ଶେଷ ପରିଣାମ ଦେଖି ପାରୁଛନ୍ତି କି ? ଯଦି ପ୍ରଭୁ ଆପଣଙ୍କର କାର୍ଯ୍ୟକଳାପ ଯୋଗୁ ଶାସ୍ତି ଦେଉଛନ୍ତି, ତେବେ ସେହି କାଦୁଅ ମଧ୍ୟରୁ ବାହାରି ଆସନ୍ତୁ ଓ ଯୀଶୁଙ୍କର ପବିତ୍ର ମୁଖ ଦର୍ଶନ କରନ୍ତୁ ।

ଜୀବନରେ ଅଭିଳାଷ ରୁପକ ପାପ ବିପଜ୍ଜନକ ଅଟେ । ପ୍ରଭୁ ଗର୍ବୀମାନଙ୍କୁ ତାଙ୍କର ବିରୋଧୀ ବୋଲି ବିଚାର କରନ୍ତି । ଈଶ୍ୱର ଅହଙ୍କାରୀ ମାନଙ୍କୁ ପ୍ରତିରୋଧ କରନ୍ତି (ଯାକୁବ ୪ : ୬) । କେତେକ ଲୋକ ଦରିଦ୍ର ହେଲେ ମଧ୍ୟ ଏପରି ଗର୍ବ କରନ୍ତି ଯେପରି ସେମାନେ ଧନୀ ଅଟନ୍ତି । ଯେତେବେଳେ ସେମାନେ ଧରା ପଡନ୍ତି, ସେତେବେଳେ ସେମାନେ ଉପହାସିତ ହୁଅନ୍ତି । ଈଶ୍ୱର ନମ୍ର ଲୋକମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି (ଯାକୁବ ୪ : ୬) । ସେଥିପାଇଁ, "ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ" (୧ ଯୋହନ ୨:୧୫) ।

**୨) ଯୀଶୁ ଖ୍ରୀଷ୍ଟଙ୍କର ସ୍ୱର ଶୁଣନ୍ତୁ ।**

ଯୀଶୁ ଖ୍ରୀଷ୍ଟ ଲୋକମାନଙ୍କ ମାଧ୍ୟମରେ, ପତ୍ର ପତ୍ରିକା ଓ ଗଣମାଧ୍ୟମ ମାଧ୍ୟମରେ ଲୋକମାନଙ୍କୁ ଆହ୍ୱାନ ଜଣାନ୍ତି । ସେ ଆପଣଙ୍କୁ ମଧ୍ୟ ଆହ୍ୱାନ କରୁଛନ୍ତି । ସେ ଆପଣଙ୍କୁ ଏକ ନୂତନ ଜୀବନ ଦେବାକୁ ଇଚ୍ଛା କରୁଛନ୍ତି । "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି" (ମାଥିଉ ୧୧ : ୨୮) ।

ଏହି ଜଗତରେ ଅନେକ ଲୋକ ଏପରି ଲୋକମାନଙ୍କ ଦ୍ୱାରା ପ୍ରତାରିତ ହୁଅନ୍ତି, ଯେଉଁମାନେ ନିଜନିଜକୁ ଈଶ୍ୱରଙ୍କର ବାର୍ତ୍ତାବହ କିମ୍ବା ଈଶ୍ୱରଙ୍କ ଅବତାର ବୋଲି ଦାବୀ କରନ୍ତି । ମାତ୍ର ଯୀଶୁଙ୍କର ଅନୁଗାମୀ ହେବା ଯୋଗୁ କେହି କେବେ ଦରିଦ୍ର ହୋଇ ନାହାଁନ୍ତି । ଇସ୍ରାଏଲର ରାଜା ଦାଉଦ ଘୋଷଣା କରିଥିଲେ, "ମୁଁ ଯୁବା ଥିଲି, ଏବେ ବୃଦ୍ଧ ହୋଇଅଛି; ତଥାପି ମୁଁ ଧାର୍ମିକକୁ ପରିତ୍ୟକ୍ତ, ଅବା ତାହାର ବଂଶକୁ ଖାଦ୍ୟ ଭିକ୍ଷା କରିବାର ଦେଖି ନାହିଁ" (ଗୀତସଂହିତା ୩୭ : ୨୫) ।

"ହେ ବିକ୍ରମୀ - ସନ୍ତାନଗଣ, ସଦାପ୍ରଭୁଙ୍କର କୀର୍ତ୍ତନ କର, ସଦାପ୍ରଭୁଙ୍କର ଗୌରବ ଓ ପରାକ୍ରମ କୀର୍ତ୍ତନ କର । ସଦାପ୍ରଭୁଙ୍କ ନାମର ଗୌରବ କୀର୍ତ୍ତନ କର; ପବିତ୍ରତାର ସୌନ୍ଦର୍ଯ୍ୟରେ


## ବାଇବଲ କୋର

**ଚିଠିପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ**

ଆମେ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ନୂତନ ଖ୍ରୀଷ୍ଟିଆନ ମାନଙ୍କୁ ବାଇବଲର ମୌଳିକ ତଥ୍ୟ ସମ୍ବନ୍ଧରେ ଡାକଯୋଗେ ପାଠକ୍ରମ ଯୋଗାଇ ଦେଉଅଛୁ । ଆପଣମାନେ "**ଆପଣମାନଙ୍କ ନିମନ୍ତେ ନୂତନ ଜୀବନ**" ନାମକ ଏକ ୭୦ ପୃଷ୍ଠା ବିଶିଷ୍ଟ ପାଠ୍ୟ ପୁସ୍ତକ ପାଇବେ । ଏହି ପାଠ୍ୟକ୍ରମ ଶେଷ ହେବାପରେ ଗୋଟିଏ ପ୍ରମାଣ ପତ୍ର ମଧ୍ୟ ପାଇବେ । ଏଥିପାଇଁ କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଏଡି ପାଠ୍ୟକ୍ରମଟି କେବଳ ଭାରତରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ

ଆପଣ ଅଳ୍ପ ସପ୍ତାହ ମାଧ୍ୟମରେ ଡାକଦ୍ୱାରା ଇଂରାଜୀ ଓ ତାମିଲରେ ଥିଓଲୋଜି ଅଧ୍ୟୟନ କରିପାରିବେ ଓ ଜଣେ ଆତ୍ମିକ ସେବକ ହୋଇ ପାରିବେ । ଆପଣ ସେବାକାର୍ଯ୍ୟର ପ୍ରମାଣ ପତ୍ର ପାଇ ପାରିବେ । ପାଠ୍ୟକ୍ରମଟିର ମୂଲ୍ୟ ୫୨୦ ଟଙ୍କା ମାତ୍ର । ୧୪୨ଟି ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ ।

**ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ**



**Address - The Chairman, Nehemiah Bible College,**

**ECHO OF HIS CALL**

10, Mohammed Abdullah 2nd Street,Opp. Cricket Stadium, Chepauk, Chennai - 600 005, India
Phone : ( 044) 2852 8282 / 2852 9293 , Cell : 9841071852. , E-Mail : sam@echoofhiscall.org


The details of our Bank Accounts are given below. Please inform us the details of your remittances.

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୦ ଜାନୁଆରୀ ୧୯ ରୁ ୨୦୨୦ ଫେବୃୟାରୀ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ଈଶ୍ୱର କାର୍ଯ୍ୟରତ ଅଛନ୍ତି।

### ପ୍ରଶଂସାର ବିଷୟ !

ଫେବୃୟାରୀ - ୧୯ - ଆମର ସମର୍ପିତ ପରିଶ୍ରମ ଓ ଏକତା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ - ୨୦ - ଆମର "ଆହ୍ୱାନର ପ୍ରତିଧ୍ୱନି" ର ସମସ୍ତ ସାହାଯ୍ୟକାରୀଙ୍କ ନିମନ୍ତେ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ - ୨୧ - ଆମର କୁଶଳୀ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ଫେବୃୟାରୀ - ୨୨ - ଈଶ୍ୱର ଆମର ମୁଖ୍ୟ ଉପାସନାଳୟରେ ୫ଟି ଭାଷାରେ ୭ଟି ଉପାସନାକୁ ଆଶୀର୍ବାଦ କରିଛନ୍ତି ।

ଫେବୃୟାରୀ - ୨୩ - ପ୍ରଭୁ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକୁ ଆଶୀର୍ବାଦ କରିଛନ୍ତି ।

ଫେବୃୟାରୀ - ୨୪ - ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧକ୍ଷ, ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ଫେବୃୟାରୀ - ୨୫ - ଈଶ୍ୱର ଆମର ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ, ଆମର ୧୬ଟି ଭାଷାର ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

ଫେବୃୟାରୀ - ୨୬ - ଆମର ପ୍ରଭୁ ଆମ ଡାକ୍ତରଖାନା ସେବାକାର୍ଯ୍ୟରେ ଆଶ୍ଚର୍ଯ୍ୟକର୍ମ କରୁଛନ୍ତି ।

ଫେବୃୟାରୀ - ୨୭ - ଆମ 'ଆହ୍ୱାନର ପ୍ରତିଧ୍ୱନି' ର ବିଶ୍ୱାସ ସାଥୀ, ପ୍ରାର୍ଥନା ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ - ୨୮ - ଗତବର୍ଷ, ଈଶ୍ୱର ଆମକୁ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପହଞ୍ଚାଇବାରେ ସାହାଯ୍ୟ କରିଥିଲେ ।

ଫେବୃୟାରୀ - ୨୯ - ଆମ ମୁଖ୍ୟ ମଣ୍ଡଳୀରେ କାର୍ଯ୍ୟରତ ସହକର୍ମୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ - ୦୧ - ଈଶ୍ୱର ଗତମାସ "ଆହ୍ୱାନର ପ୍ରତିଧ୍ୱନି" ମଣ୍ଡଳୀଗୁଡ଼ିକର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ - ୦୨ - ଆମର ଯାନବାହନ ଓ ଗାଡିଚାଳକମାନଙ୍କୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ - ୦୩ - ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି।

### ପ୍ରାର୍ଥନାର ବିଷୟ

ମାର୍ଚ୍ଚ - ୦୪ - ଏହି ମାସ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ପାଇଁ ଈଶ୍ୱରଙ୍କର ନିକଟରେ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ - ୦୫ - ବାଇବଲ କୋର - ବାଇବଲ କରେସପଣ୍ଡେସ୍ କୋର୍ସ ଓ ଥିଓଲୋଜିକାଲ କରେସ୍ ପଣ୍ଡେସ୍ କୋର୍ସର ଛାତ୍ରମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ - ୦୬ - ସମସ୍ତ ନିଶା ବଟିକା ସେବନକାରୀ ଯେପରି ସେମାନଙ୍କ ଆସକ୍ତିରୁ ମୁକ୍ତ ହେବେ ।

ମାର୍ଚ୍ଚ - ୦୭ - ଆମ ଦେଶର ଯୁବକ ଯୁବତୀମାନେ ଯେପରି ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ଜୀବନ କାଟିବେ ।

ମାର୍ଚ୍ଚ - ୦୮ - ପ୍ରଭୁ ଯେପରି ଆମ ମଣ୍ଡଳୀର ସଦସ୍ୟମାନଙ୍କୁ ମିଶନକ୍ଷେତ୍ରରେ କାର୍ଯ୍ୟକରୁଥିବା ଲୋକମାନଙ୍କ ପାଇଁ ଏକ ପ୍ରାର୍ଥନାକାରୀର ଆତ୍ମା ଦେବେ ।

ମାର୍ଚ୍ଚ - ୦୯ - ଆମର ଆଫ୍ରିକୀୟ ସହଯୋଗୀ ସଂପାଦିକା, ଭଉଣୀ ମାରିଏତ୍‌ଜୀ ନେଲ୍‌ସନ ଓ ତାଙ୍କ ପରିବାର ସଦସ୍ୟ ଓ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ - ୧୦ - ପୃଥିବୀର ସବୁ ସ୍ଥାନରେ ଶାନ୍ତି ପ୍ରଦାନ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ - ୧୧ - ଈଶ୍ୱର ଯେପରି ୨୦୨୦-୨୧ ପାଇଁ ଆମର ନିହିମିୟା ବାଇବଲ କଲେଜକୁ ଉପଯୁକ୍ତ ଛାତ୍ର ଯୋଗାଇବେ ।

ମାର୍ଚ୍ଚ - ୧୨ - ଈଶ୍ୱର ଯେପରି ସମସ୍ତ ଦେଶରେ ଏକ ଉଦ୍ଦୀପନା ନିମନ୍ତେ ପ୍ରାର୍ଥନା କରିବାକୁ ଅଧିକ ପ୍ରାର୍ଥନା ଯୋଦ୍ଧା ଉଠାଇବେ ।

ମାର୍ଚ୍ଚ - ୧୩ - ଆମର ପରମେଶ୍ୱର ଯେପରି ଆମର ସୁସମାଚାର ଛାପାକଳ ପାଇଁ ଫୋଲ୍‌ଡିଂ ମେସିନ୍ ଓ ପିନିଂ ମେସିନ୍ କ୍ରୟ କରିବା ନିମନ୍ତେ ଯଥେଷ୍ଟ ଅର୍ଥ ଯୋଗାଇବେ ।

ମାର୍ଚ୍ଚ - ୧୪ - ଈଶ୍ୱର ଯେପରି ଆମର ରାଜନୈତିକ ନେତାମାନଙ୍କୁ ପରିତ୍ରାଣର ଅନୁଭୂତି ଦେବେ ।

ମାର୍ଚ୍ଚ - ୧୫ - 'ଆହ୍ୱାନର ପ୍ରତିଧ୍ୱନି' ସେବାକାର୍ଯ୍ୟର ଅଧିକ ଉନ୍ନତି ଓ ସଂପ୍ରସାରଣ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ - ୧୬ - ସମଗ୍ର ପୃଥିବୀରେ ସମସ୍ତ ଅବିଶ୍ୱାସୀ ଓ ଆତଙ୍କବାଦୀମାନଙ୍କ ମଧ୍ୟରେ ଯେପରି ଅନୁତାପ ଆସିବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ - ୧୭ - ଆମର ଈଶ୍ୱର ଯେପରି ଆମ କାର୍ଯ୍ୟାଳୟରେ ଓ ବିଦ୍ୟାଳୟରେ ଯଥେଷ୍ଟ କର୍ମଚାରୀ ଯୋଗାଇବେ ।

ମାର୍ଚ୍ଚ - ୧୮ - ଈଶ୍ୱର ଯେପରି ପୃଥିବୀର ସମସ୍ତ ମନ୍ଦ ଆକ୍ରମଣରୁ ଆମର ବରିଷ୍ଠ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସୁରକ୍ଷା ଦେବା ଅବ୍ୟାହତ ରଖିବେ ।

*( ୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ସଦାପ୍ରଭୁଙ୍କୁ ପ୍ରଣାମ କର । ଜଳରାଶି ଉପରେ ସଦାପ୍ରଭୁଙ୍କର ରବ ଅଛି, ଗୌରବମୟ ପରମେଶ୍ୱର ବଜ୍ରନାଦ କରନ୍ତି, ସଦାପ୍ରଭୁ ଅପାର ଜଳରାଶି ଉପରେ ବିଦ୍ୟମାନ । ସଦାପ୍ରଭୁଙ୍କ ରବ ଏରସ ବୃକ୍ଷ ସବୁ ଭାଙ୍ଗି ପକାଏ, ହଁ, ସଦାପ୍ରଭୁ ଲିବାନୋନ୍‌ର ଏରସ ବୃକ୍ଷସବୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାନ୍ତି । ମଧ ସେ ସେମାନଙ୍କ ଗୋବତ୍ସ ପରି, ଲିବାନୋନ୍ ଓ ଗିଦିୟୋନକୁ ଅରଣା ଛୁଆ ପରି ନଚାନ୍ତି । ସଦାପ୍ରଭୁଙ୍କ ରବ ଅଗ୍ନିଶିଖା ବିଭକ୍ତ କରେ । ସଦାପ୍ରଭୁଙ୍କ ରବ ପ୍ରାନ୍ତରକୁ କମ୍ପିତ କରେ । ସଦାପ୍ରଭୁ କାଦେଶର ପ୍ରାନ୍ତରକୁ କମ୍ପିତ କରନ୍ତି । ସଦାପ୍ରଭୁଙ୍କ ରବ ହରିଣୀମାନଙ୍କୁ ପ୍ରସବ କରାଏ, ଓ ବନ ସମୂହକୁ ବିବସ୍ତ୍ର କରେ; ପୁଣି ତାହାଙ୍କ ମନ୍ଦିରରେ ସମସ୍ତ ବିଷୟ ଗୌରବ, ଗୌରବ ବୋଲି କହନ୍ତି । ସଦାପ୍ରଭୁ ଜଳପ୍ଲାବନରେ ରାଜା ତୁଲ୍ୟ ଉପବିଷ୍ଟ ହେଲେ, ହଁ, ସଦାପ୍ରଭୁ ଅନନ୍ତ କାଳରାଜା ତୁଲ୍ୟ ଉପବିଷ୍ଟ ଅଟନ୍ତି । ସଦାପ୍ରଭୁ ଆପଣା ଲୋକମାନଙ୍କୁ ବଳ ଦେବେ । ସଦାପ୍ରଭୁ ଆପଣା ଲୋକମାନଙ୍କୁ ଶାନ୍ତି ଦେଇ ଆଶୀର୍ବାଦ କରିବେ" (ଗୀତସଂହିତା ୨୯ : ୧ - ୧୧) ।

ପ୍ରଭୁ ଯୀଶୁ ଆନ୍ତରିକଭାବରେ ଆପଣଙ୍କୁ ଆହ୍ୱାନ କରୁଛନ୍ତି । ସେ ଏହି ନୂତନ ବର୍ଷରେ ଆପଣଙ୍କୁ ଏକ ନୂତନ ଜୀବନ ଦେବାକୁ ଓ ଆପଣ ଯେ ସୁନ୍ଦର ଅଟନ୍ତି, ଏହା ଦେଖିବାକୁ ଇଚ୍ଛା କରୁଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏହି ବାର୍ତ୍ତା ମାଧ୍ୟମରେ ଆପଣଙ୍କ ହୃଦୟକୁ ଆଘାତ କରୁଛନ୍ତି । ଦୟାକରି ଅବହେଳା କରନ୍ତୁ ନାହିଁ ।

ଆପଣ ହୁଏତ ଦୀର୍ଘ ଦିନରୁ ଜଣେ ଖ୍ରୀଷ୍ଟିଆନ ଅଟନ୍ତି । ଆପଣ ହୁଏତ ପ୍ରଭୁଙ୍କର ସେବା କରୁଛନ୍ତି । ଆପଣ ହୁଏତ ବଡ଼ ପରିମାଣର ଦାନ ଦେଉଛନ୍ତି । ତଥାପି ଆପଣ ଯେ ଆପଣଙ୍କର "ଆଦ୍ୟ ପ୍ରେମ" ହରାଇଛନ୍ତି, ଏ ବିଷୟରେ ପ୍ରଭୁ ବ୍ୟଥିତ ଅଟନ୍ତି (ପ୍ରକାଶିତ ୨ : ୪) ।

ସମୟ କ୍ରମେ ଜଣେ ହୁଏତ ନିଜ ପ୍ରାର୍ଥନା ସମୟକୁ ହ୍ରାସ କରିଥିବ, ଜୀବନରେ ପବିତ୍ରତା ଓ ପ୍ରାର୍ଥନାର ଆକର୍ଷଣକୁ ହରାଇ ଦେଇଥିବ । ସେମାନେ ହୁଏତ ଅର୍ଥନୈତିକ ଓ ବ୍ୟକ୍ତିଗତ କ୍ଷେତ୍ରରେ ଅବିଶ୍ୱସ୍ତ ହୋଇଥିବେ । ମାତ୍ର ସମସ୍ତ ବିଷୟକୁ ସଂଗେ ସଂଗେ ସଠିକ୍ କରନ୍ତୁ । ଯେଉଁ ପ୍ରଭୁ ଯୀଶୁ ଆପଣଙ୍କ ଜୀବନରେ ହସ୍ତକ୍ଷେପ କରନ୍ତି, ସେ ହୁଏତ ଅତିଶୀଘ୍ର ମଧ୍ୟାକାଶକୁ ଆସିପାରନ୍ତି । "କାରଣ ରାତ୍ରିରେ ଚୋର ଆସିଲା ପରି ପ୍ରଭୁଙ୍କ ଦିନ ଯେ ଆସିବ, ଏହା ତୁମ୍ଭେମାନେ ଉତ୍ତମ ରୂପେ ଜାଣ" (୧ ଥେସଲନୀକୀୟ ୫ : ୨) । "ଉର୍ଦ୍ଧ୍ୱାନ୍ତର" ପରେ, ଅନୁତାପ ପାଇଁ ଆଉ ସୁଯୋଗ ନ ଥାଏ । ପ୍ରଭୁ ଶ୍ୱେତ ସିଂହାସନ ଉପରେ ବସି ବିଚାର କରିବେ । ଯେଉଁମାନେ ତାଙ୍କ ନିକଟକୁ ଆସନ୍ତି, ସେମାନେ ଆଶୀର୍ବାଦପ୍ରାପ୍ତ ଅଟନ୍ତି ।

**<u>ଅତି ଶୀଘ୍ର ଘଟିବାକୁ ଯାଉଥିବା ଘଟଣା ଗୁଡ଼ିକ ବିଷୟରେ ଉଦ୍‌ଯୋଗର ସହିତ ପାଠ କରନ୍ତୁ ।</u>**

"ତତ୍ପରେ ମୁଁ ଗୋଟିଏ ବୃହତ୍ ଶ୍ୱେତବର୍ଣ୍ଣ ସିଂହାସନ ଓ ତଦୁପବିଷ୍ଟ ବ୍ୟକ୍ତିଙ୍କୁ ଦର୍ଶନ କଲି, ତାହାଙ୍କ ସମ୍ମୁଖରୁ ପୃଥିବୀ ଓ ଆକାଶମଣ୍ଡଳ ପଳାୟନ କଲା, ସେମାନଙ୍କ ନିମନ୍ତେ ଆଉ ସ୍ଥାନ ମିଳିଲା ନାହିଁ । ପୁଣି ମୁଁ କ୍ଷୁଦ୍ର ଓ ମହାନ୍ ସମସ୍ତ ମୃତ ଲୋକଙ୍କୁ ସିଂହାସନର ସମ୍ମୁଖରେ ଠିଆ ହୋଇଥିବାର ଦେଖିଲି, ଆଉ ପୁସ୍ତକ ସବୁ ଫିଟାଗଲା; ପରେ ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା, ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ ।

ସମୁଦ୍ର ଆପଣାର ମଧ୍ୟବର୍ତ୍ତୀ ତୁମ୍ଭମାନଙ୍କୁ ସମର୍ପଣ କଲା, ଆଉ ମୃତ୍ୟୁ ଓ ପାତାଳ ସେମାନଙ୍କ ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲେ; ପୁଣି ସେମାନେ ପ୍ରତ୍ୟେକେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ସମୁଦ୍ର ଆପଣାର ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲା, ଆଉ ମୃତ୍ୟୁ ଓ ପାତାଳ ସେମାନଙ୍କ ମୃତ ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲେ; ପୁଣି ସେମାନେ ପ୍ରତ୍ୟେକ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ତତ୍ପରେ ମୃତ୍ୟୁ ଓ ପାତାଳକୁ ଅଗ୍ନିମୟ ହ୍ରଦରେ ପକାଗଲା । ଏହି ମୃତ୍ୟୁ, ଅର୍ଥାତ୍, ଅଗ୍ନିମୟ ହ୍ରଦ ଦ୍ୱିତୀୟ ମୃତ୍ୟୁ । ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା, ତାହାକୁ ଅଗ୍ନିମୟ ହ୍ରଦରେ ପକାଗଲା" (ପ୍ରକାଶିତ ୨୦ : ୧୧ - ୧୫) ।

**ଆମେ ରକ୍ଷା ପାଇବା କି ?**

"ହେ ଇସ୍ରାଏଲ, ତୁମ୍ଭେ ଧନ୍ୟ ଅଟ; ତୁମ୍ଭ ତୁଲ୍ୟ କିଏ ଅଛି ? ତୁମ୍ଭେ ସଦାପ୍ରଭୁଙ୍କ ଦ୍ୱାରା ଉଦ୍ଧାରପ୍ରାପ୍ତ ଲୋକ, ସେ ତୁମ୍ଭର ଉପକାର ରୂପ ଢାଲ ଓ ସେ ତୁମ୍ଭର ମାହାତ୍ମ୍ୟ ରୂପ ଖଡ୍ଗ ! ଏଣୁ ତୁମ୍ଭର ଶତ୍ରୁମାନେ ଆପେ ତୁମ୍ଭର ବଶୀଭୂତ ହେବେ; ପୁଣି ତୁମ୍ଭେ ସେମାନଙ୍କ ଉଚ୍ଚସ୍ଥଳୀମାନ ଦଳନ କରିବ" (ଦ୍ୱିତୀୟ ବିବରଣ ୩୩ : ୨୯) ।

**ତାଙ୍କୁ ଧରି ରଖନ୍ତୁ, ସେ ଆପଣଙ୍କ ଜୀବନ ଓ ଦୀର୍ଘାୟୁ ଅଟନ୍ତି ।**

ପ୍ରିୟ ବନ୍ଧୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ରହିଥିବା ମୋର ଦୀର୍ଘ ଜୀବନ ମଧୁର ଓ ଫଳପୂର୍ଣ୍ଣ ଅଟେ । ମୁଁ ଏହାର ସ୍ୱାଦ ଜାଣିବା ପରେ ଆପଣଙ୍କୁ ଏହା କହୁଅଛି । ଯଦି ଆପଣ ଏହି ସୁଯୋଗ ହରାଇବେ, ତେବେ ଆପଣ ଅନେକ ବିଷୟ ହରାଇଦେବେ ଓ ବିଫଳ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଥମ ଧାଡ଼ିରେ ଠିଆ ହେବେ । ଆପଣ ଯୀଶୁଙ୍କୁ ଗ୍ରହଣ କରି ଏକ ବିଜୟୀ ଜୀବନ କାଟି ନ ଥିବାରୁ ଅନୁଶୋଚନା କରି ପାରନ୍ତି । ସେଥିପାଇଁ, ଯୀଶୁଙ୍କ ନିକଟକୁ ଆସିବା ପାଇଁ ଏହା ଆପଣଙ୍କ ନିମନ୍ତେ ଉତ୍ତମ ସମୟ ଅଟେ ! ଆପଣ ଆଶୀର୍ବାଦ ପ୍ରାପ୍ତ ହେବେ ! ପ୍ରଭୁ ଯୀଶୁଙ୍କ ନିକଟରେ ଆପଣଙ୍କ ସମଗ୍ର ଜୀବନକୁ ସମର୍ପଣ କରନ୍ତୁ । ସେ ଆପଣଙ୍କୁ ଗାଟିଏ ଆଶୀର୍ବାଦପୂର୍ଣ୍ଣ ଦୀର୍ଘ ଜୀବନ ପ୍ରଦାନ କରିବେ ନିମ୍ନଲିଖିତ ଗୀତର ଧାଡ଼ିଗୁଡ଼ିକ ଆପଣଙ୍କ ଜୀବନର ଅନୁଭୂତି ହେଉ !

୧) ପ୍ରଭୋ, ମୋର ଜୀବନ ନେଇ ଆପଣଙ୍କ ପାଇଁ ପୃଥକ୍ କରନ୍ତୁ; ମୋର ମୁହୂର୍ତ୍ତ ଓ ଦିନଗୁଡ଼ିକୁ ନେଇ ସେଗୁଡ଼ିକୁ ନିରନ୍ତର ପ୍ରଶଂସାରେ ପ୍ରବାହିତ କରାନ୍ତୁ, ନିରନ୍ତର ପ୍ରଶଂସାରେ ପ୍ରବାହିତ କରନ୍ତୁ ।

୨) ମୋର ହସ୍ତକୁ ନେଇ ସେଗୁଡ଼ିକୁ ଆପଣ ପ୍ରେମର ପ୍ରବୃତ୍ତିରେ ଚଳାନ୍ତୁ; ମୋର ପାଦକୁ ନେଇ ସେଗୁଡ଼ିକୁ ଆପଣଙ୍କ ପାଇଁ କ୍ଷିପ୍ର ଓ ସୁନ୍ଦର କରନ୍ତୁ। ସେଗୁଡ଼ିକୁ କ୍ଷିପ୍ର ଓ ସୁନ୍ଦର କରନ୍ତୁ !

୩) ମୋର ସ୍ୱର ନିଅନ୍ତୁ ଓ ମୋତେ ସର୍ବଦା ମୋ ରାଜାଙ୍କ ପାଇଁ ଗାୟନ କରିବାକୁ ଦିଅନ୍ତୁ; ମୋର ଓଷ୍ଠ ନେଇ ସେଗୁଡ଼ିକୁ ଆପଣଙ୍କ ବାର୍ତ୍ତାରେ ପରିପୂର୍ଣ୍ଣ କରନ୍ତୁ ! ଆପଣଙ୍କ ବାର୍ତ୍ତାରେ ପରିପୂର୍ଣ୍ଣ କରନ୍ତୁ !

୪) ମୋର ସୁନା ଓ ରୁପା ନିଅନ୍ତୁ, ମୁଁ ଗୋଟିଏ କ୍ଷୁଦ୍ର ବିଷୟ ସୁଦ୍ଧା ରଖିବି ନାହିଁ; ମୋର ବୁଦ୍ଧିମତ୍ତାକୁ ନିଅନ୍ତୁ ଓ ପ୍ରତ୍ୟେକ ଶକ୍ତିକୁ ଆପଣଙ୍କ ଇଚ୍ଛାନୁସାରେ ବ୍ୟବହାର କରନ୍ତୁ । ପ୍ରତ୍ୟେକ ଶକ୍ତିକୁ ଇଚ୍ଛାନୁସାରେ ବ୍ୟବହାର କରନ୍ତୁ ।

୫) ମୋର ଇଚ୍ଛାକୁ ନେଇ ଏହାକୁ ଅପାଣଙ୍କର କରନ୍ତୁ; ଏହା ଆଉ ମୋର ହେବ ନାହିଁ; ମୋର ହୃଦୟକୁ ନିଅନ୍ତୁ, ଏହା ଆପଣଙ୍କର; ଏହା ଆପଣଙ୍କର ରାଜକୀୟ ସିଂହାସନ ହେବ ! ଆପଣଙ୍କର ରାଜକୀୟ ସିଂହାସନ ହେବ !

୬) ମୋର ପ୍ରଭୁ, ମୋର ପ୍ରେମ ନିଅନ୍ତୁ; ମୁଁ ଏହାକୁ ଆପଣଙ୍କ ପାଦ ତଳେ, ଏହାର ଭଣ୍ଡାରରେ ଢାଳି ଦେଉଛି; ମୋତେ ନିଅନ୍ତୁ, ଓ ମୁଁ ସର୍ବଦା କେବଳ ଆପଣଙ୍କର ହେବି; ସର୍ବଦା କେବଳ ଆପଣଙ୍କର ହେବି !

●●●

**ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ବିଜ୍ଞାପନ ଦର**

| *ଆକାର* | *ପ୍ରତ୍ୟେକ ଭାଷା ରେ* | *୧୬ ଟି ଭାଷାରେ* |
|---|---|---|
| ୧/୪ପୃଷ୍ଠା | ଟ. ୨,୦୦୦ | ଟ. ୩୦,୦୦୦ |
| ଅଧାପୃଷ୍ଠା | ଟ. ୩,୫୦୦ | ଟ. ୫୦,୦୦୦ |
| ପୁରା ପୃଷ୍ଠା | ଟ. ୫,୦୦୦ | ଟ. ୭୦,୦୦୦ |

# ଏକ ଆରେକଙ୍କୁ ସାନ୍ତ୍ୱନା ଦିଅନ୍ତୁ !
# (COMFORT ONE ANOTHER !)

ଆମ ସମାଜରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ସାନ୍ତ୍ୱନା ଆବଶ୍ୟକ କରନ୍ତି । ମାତ୍ର ଲୋକମାନେ ସେମାନଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ନିନ୍ଦା କରନ୍ତି । ଯେତେବେଳେ ଜଣେ ଦରିଦ୍ର ବ୍ୟକ୍ତି କିଛି ଅର୍ଥ ସହାୟତା ପାଇଁ କୌଣସି ଧନୀ ବ୍ୟକ୍ତିଙ୍କ ନିକଟକୁ ଯାଏ, ସେତେତେବେଳେ ସେ ଚିତ୍କାର କରି ତାକୁ ବିତାଡିତ କରନ୍ତି । ଯେତେବେଳେ ଜଣେ ଅଶିକ୍ଷିତ ବ୍ୟକ୍ତି ନିଜର ଜୀବିକାର୍ଜ୍ଜନ ପାଇଁ କୌଣସି ଉପାୟ ଖୋଜେ, ସେତେବେଳେ ତାକୁ ଶୋଷଣ ଓ ପ୍ରତାରଣା କରାଯାଏ । କୌଣସି ରୋଗୀକୁ ତାର ରୋଗଶଯ୍ୟାରେ ତାକୁ ସାନ୍ତ୍ୱନା ଦେବା ପରିବର୍ତ୍ତେ,ତା' ପ୍ରତି ଏପରି ଆଘାତଦାୟକ କଥା କୁହାଯାଏ, ଯାହା ତା'ର ରୋଗକୁ ଅଧିକ ଶୋଚନୀୟ କରିଦିଏ ।

ଏହିପରି ଲୋକମାନଙ୍କ ପାଇଁ ଈଶ୍ୱର "ମଣ୍ଡଳୀ ସମାବେଶ"କୁ ସାନ୍ତ୍ୱନା ପାଇବାର ଏକ ମାର୍ଗ ଭାବରେ ପ୍ରଦର୍ଶନ କରନ୍ତି । ବାଇବଲରେ, ସାଧୁ ପାଉଲଙ୍କ ମାଧ୍ୟମରେ ପରସ୍ପରକୁ ସାନ୍ତ୍ୱନା ଦେବା ପାଇଁ ଈଶ୍ୱର ଆମକୁ କହିଛନ୍ତି (୧ଥେସଲନୀକୀୟ ୪ : ୧୮) । ପାଉଲ ଆମକୁ କେବଳ ଆଦେଶ ଦେଇ ନାହାନ୍ତି, ମାତ୍ର ଏହି ଆଦେଶକୁ କିପରି କାର୍ଯ୍ୟକାରୀ କରିବାକୁ ହେବ, ଏ ବିଷୟରେ ନିର୍ଦ୍ଦିଷ୍ଟ କରିଛନ୍ତି । ସେ ଲେଖିଛନ୍ତି : "ଏହି ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେମାନେ ପରସ୍ପରକୁ ସାନ୍ତ୍ୱନା ଦିଅ" (୧ଥେସଲନୀକୀୟ ୪ : ୧୮) । ଏହି ବାର୍ତ୍ତା ମାଧ୍ୟମରେ କିପରି ସାନ୍ତ୍ୱନା ଦେବାକୁ ହେବ ଓ ସାନ୍ତ୍ୱନା ପାଇବାକୁ ହେବ, ତାହା ଈଶ୍ୱର ଆମକୁ ଜଣାନ୍ତୁ ।

ଈଶ୍ୱର ଏହି ଅନୁଚ୍ଛେଦରେ ଆମକୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଜଣାଇଛନ୍ତି (୧ଥେସଲନୀକୀୟ ୪ : ୧୬ - ୧୮) । ଅନ୍ୟ ଯେ କୌଣସି ବାକ୍ୟ ଅପେକ୍ଷା "ଏହି ବାକ୍ୟଗୁଡ଼ିକରେ ଅଧିକ ଗଭୀର ଅର୍ଥ ଅଛି ଓ ସେଗୁଡ଼ିକ ଉପକାରୀ ମଧ୍ୟ ଅଟେ ।

**୧) ପ୍ରଭୁ ଯୀଶୁ ନିଜେ ଅବତରଣ କରିବେ ।**

ପ୍ରଥମ ଶତାବ୍ଦୀରେ, ଖ୍ରୀଷ୍ଟିଆନମାନେ ହେରୋଦରାଜାଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଥିଲେ । ଅନେକେ ସାକ୍ଷ୍ୟମର ଭାବରେ ମୃତ୍ୟୁ ବରଣ କରିଥିଲେ । ସେହି ସମୟର ବିଶ୍ୱାସୀମାନଙ୍କ ନିକଟରେ ସମୃଦ୍ଧି ଉପରେ ବିଶ୍ୱାସ ନ ଥିଲା । ପିତର, ଯୋହନ ଓ ପାଉଲଙ୍କ ଭଳି ପ୍ରେରିତମାନେ ସମୃଦ୍ଧି ବିଷୟରେ ଶିକ୍ଷା ଦେଇ ନ ଥିଲେ । ମାତ୍ର ସେମାନଙ୍କ ନିକଟରେ କେବଳ ନିଜ ନିଜ ପାଇଁ ଗୋଟିଏ "ସାଙ୍କେତିକ ଶବ୍ଦ" ଥିଲା, "ମାରାନାଥା", ଯାହାର ଅର୍ଥ, "ଯୀଶୁ ଆସୁଛନ୍ତି ।" ଆଦ୍ୟ ମଣ୍ଡଳୀରେ ଥିବା ଏହି ଶବ୍ଦ ଓ ବିଶ୍ୱାସ ପ୍ରଭୁ ଯୀଶୁଙ୍କୁ ସାକ୍ଷାତ୍ କରିବା ପାଇଁ ଏକ ପବିତ୍ର ଓ ନିଷ୍ପାପ ଜୀବନ କାଟିବା ନିମନ୍ତେ ସେମାନଙ୍କୁ ପୁନର୍ଜାଗ୍ରତ କରିଥିଲା ଓ ପ୍ରେରଣା ଦେଇଥିଲା । ଏହି ଜଗତର ଗୌରବମୟ ଆଶୀର୍ବାଦଗୁଡ଼ିକ ଅପେକ୍ଷା ସ୍ୱର୍ଗର ଗୌରବମୟ ଅଧିକାର ସେମାନଙ୍କ ପ୍ରତି ଅଧିକ ଆକର୍ଷଣୀୟ ଥିଲା । ସେମାନେ ମଣ୍ଡଳୀଗୁଡ଼ିକରେ ନିରନ୍ତର ଈଶ୍ୱରଙ୍କର ପ୍ରଶଂସା କରୁଥିଲେ । ଏପରିକି କଷ୍ଟ ମଧ୍ୟ ଦେଇ ଗତି କରିବା ସମୟରେ, ସେମାନେ ଘୋଷଣା କରି ପାରିଥିଲେ, "... ମୋ ପକ୍ଷରେ ଜୀବନ ଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁ ଭୋଗ ଲାଭଜନକ (ଫିଲିପ୍ପୀୟ ୧ : ୨୧) । ଯେତେବେଳେ ସେମାନେ ପରୀକ୍ଷାର ସମ୍ମୁଖୀନ ହେଉଥିଲେ, ସେତେବେଳେ ସେମାନେ ଶାରୀରୀକଭାବରେ କହୁଥିଲେ, "... କିନ୍ତୁ ମୁଁ ଗୋଟିଏ ବିଷୟ କହୁଅଛି, ପଶ୍ଚାତ୍ ବିଷୟ ସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟ ସ୍ଥଳକୁ ଦୌଡୁଅଛି (ଫିଲିପ୍ପୀୟ ୩ : ୧୩, ୧୪) ।

ଗୋଟିଏ ରୋଗ ସୁସ୍ଥ ହୋଇପାରେ, ମାତ୍ର ଏହା ଶେଷ ନୁହେଁ । ବର୍ଷା ପରେ ମଧ୍ୟ ମେଘ ଯେପରି ବାରମ୍ବାର ଦେଖା ଦିଏ, ସେହିପରି ଜଣେ ବ୍ୟକ୍ତିର ଜୀବନରେ ଗୋଟିଏ ପରେ ଗୋଟିଏ ରୋଗ ଦେଖା ଦିଏ । ଯେତେବେଳେ ଜଣେ ବ୍ୟକ୍ତି ନିଜର ଋଣ ସବୁ ଶୁଝି ଦିଏ, ସେତେବେଳେ ସେ ଆଶ୍ୱସ୍ତ ହୁଏ । ମାତ୍ର ଏହି ଆଶ୍ୱସ୍ତି ସ୍ଥାୟୀ ନୁହେଁ । ଏହା ଜାଣି, ଆଦ୍ୟ ଖ୍ରୀଷ୍ଟିଆନମାନେ, ଅର୍ଥାତ୍, ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତିକୁ ବୁଝିଥିଲେ ସେମାନେ ଜାଗତିକ ଭାଷାରେ ଏକ ଆରେକଙ୍କୁ ସାନ୍ତ୍ୱନା ଦେଉ ନ ଥିଲେ, ମାତ୍ର ସେମାନେ ଅନ୍ୟମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ଇଚ୍ଛା କରୁଥିବା ସମୟରେ କହୁଥିଲେ, "ମାରାନାଥା ।"

ଆଜି ଆମେ ଅନ୍ୟମାନଙ୍କୁ କିପରି ସାନ୍ତ୍ୱନା ଦେଉ ? ଏହି ଦିନ ଗୁଡ଼ିକରେ, ଆମେ କିପରି ସାନ୍ତ୍ୱନା ପାଉ ? ଆମେ କିଛି ଅର୍ଥ ପାଇବା ପରେ ସାନ୍ତ୍ୱନା ପାଉ କି ? ଆମେ କୌଣସି ରୋଗରୁ ସୁସ୍ଥ ହେବା ପରେ ସାନ୍ତ୍ୱନା ପାଉ କି ? ଆମେ ଗୋଟିଏ ଉତ୍ତମ ବେତନ ବିଶିଷ୍ଟ ଚାକିରୀ ଯୋଗୁ ସାନ୍ତ୍ୱନା ପାଉ କି ? ଏହି ସମସ୍ତ ସାନ୍ତ୍ୱନାର ଉର୍ଦ୍ଧ୍ୱରେ, ଆମର ଏକ ସ୍ଥାୟୀ ସାନ୍ତ୍ୱନା ଅଛି । ଯୀଶୁ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ଆମର ସ୍ଥାୟୀ ସାନ୍ତ୍ୱନା ଅଟେ । ଆସନ୍ତୁ, ଆମେ ବର୍ତ୍ତମାନ ସ୍ଥାୟୀଭାବରେ ସାନ୍ତ୍ୱନା ପାଇବା ପାଇଁ ପ୍ରସ୍ତୁତ ହେବା । ଈଶ୍ୱର ଏହି ବାକ୍ୟ ସହିତ ଅନ୍ୟମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ଆମକୁ ଅନୁଗ୍ରହ ପ୍ରଦାନ କରନ୍ତୁ ।

**୨) ପ୍ରଥମରେ ଖ୍ରୀଷ୍ଟଙ୍କଠାରେ ଥାଇ ମୃତ୍ୟୁବରଣ କରିଥିବା ଲୋକମାନେ ଉଠିବେ (୧ଥେସଲନୀକୀୟ ୪ : ୧୬)**

ମୃତ୍ୟୁ ପ୍ରତ୍ୟେକଙ୍କ ଜୀବନରେ ଏକ ଯନ୍ତ୍ରଣାପୂର୍ଣ୍ଣ ଅନୁଭୂତି ଅଟେ । ଆମେ ନିଜନିଜକୁ ଏପରି ପରିସ୍ଥିତିରେ ନିଶ୍ଚୟ ଆବିଷ୍କାର କରିଥିବା ଯେଉଁଠାରେ ଆମେ କିପରି ନିଜନିଜର ପ୍ରିୟଜନମାନଙ୍କୁ ହରାଇଥିବା ଲୋକମାନଙ୍କୁ ସାନ୍ତ୍ୱନା ଦେବା ବୋଲି ଚିନ୍ତା କରିଥିବା । ଖ୍ରୀଷ୍ଟିଆନଭାବରେ, ଆମେ ଏହିପରି ଲୋକମାନଙ୍କ ନିକଟକୁ ଯାଇ କହିପାରିବା, "ପ୍ରଭୁ, ସେହି ମୃତ ବ୍ୟକ୍ତିଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ କରନ୍ତୁ ।" ଅନ୍ୟମାନେ ଏହିପରି ଲୋକମାନଙ୍କ ନିକଟକୁ ମାନସିକ ଭାବରେ କିମ୍ବା ବୌଦ୍ଧିକଭାବରେ ଯାଆନ୍ତି ଓ ସେମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ଚେଷ୍ଟା କରନ୍ତି । ଯଦିଓ ଆମେ ଏହା ଦ୍ୱାରା ସେମାନଙ୍କୁ କିଛି ପରିମାଣରେ ସାନ୍ତ୍ୱନା ଦେଇ ପାରିବା, ତଥାପି ସ୍ଥାୟୀ ସାନ୍ତ୍ୱନା କେବଳ ସାଧୁ ପାଉଲଙ୍କ ବାକ୍ୟରେ ମିଳେ । ହିତୋପଦେଶରେ ଆମେ ପଢୁ, "... ମରଣକାଳରେ ଧାର୍ମିକର ଆଶ୍ରୟ ଥାଏ" (୧୪ : ୩୨) । ଧାର୍ମିକ ବ୍ୟକ୍ତିର ସେହି

ଅନନ୍ତ ଜୀବନରେ ଦୃଢ଼ ବିଶ୍ୱାସ ଥାଏ, ଯାହା ସେ ତାର ମୃତ୍ୟୁ ପରେ ପାଇବ ଓ ଯେତେବେଳେ ଖ୍ରୀଷ୍ଟ ପୁନର୍ବାର ପୃଥିବୀକୁ ଆସିବେ, ସେତେବେଳେ ସେ ମୃତମାନଙ୍କ ମଧ୍ୟରୁ ପ୍ରଥମେ ଉଠିବାର ସୌଭାଗ୍ୟ ପାଇବ ବୋଲି ସେ ଜାଣିଥାଏ । ଯେଉଁ ମରିୟମ ପ୍ରଥମେ ପୁନରୁତ୍ଥିତ ଖ୍ରୀଷ୍ଟଙ୍କୁ ଦେଖିଥିଲେ, ସେ ମହାନନ୍ଦରେ ପରିପୂର୍ଣ୍ଣ ହୋଇଥିଲେ । ସେହିପରି, ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ ଜୀବିତ ସାଧୁମାନଙ୍କ ପୂର୍ବରୁ ପ୍ରଥମେ ମୃତ ସାଧୁମାନଙ୍କୁ ଦେଖା ଦେବେ ବୋଲି ଜାଣିବା କେତେ ଆନନ୍ଦଦାୟକ ଅଟେ ! ମନ ମଧ୍ୟରେ ଏହି ଆନନ୍ଦକୁ ରଖି, ସାଧୁ ପାଉଲ ଲେଖିଛନ୍ତି, "ରେ ମୃତ୍ୟୁ, କାହିଁ ତୋର ଜୟ ? ହେ ମୃତ୍ୟୁ, କାହିଁ ତୋର ନାହୁଡ଼ ?" (୧ କରିନ୍ଥୀୟ ୧୫ : ୫୫) । ଏହି ବାକ୍ୟ ସହିତ, ଆସନ୍ତୁ ଆମେ ଅସୁସ୍ଥ ବ୍ୟକ୍ତିମାନଙ୍କୁ ଓ ନିଜନିଜର ପ୍ରିୟଜନମାନଙ୍କୁ ହରାଇଥିବା ବ୍ୟକ୍ତିମାନଙ୍କୁ ସାନ୍ତ୍ୱନା ଦେବା ।

ତତ୍ ସଂଗେ ସଂଗେ, ପ୍ରଭୁ ଆମକୁ ଏପରି ଏକ ମଣ୍ଡଳୀରେ ଯୋଗ ଦେବା ପାଇଁ ଆହ୍ୱାନ କରନ୍ତି, ଯେଉଁଠାରେ ଲୋକମାନେ ଏହିପରି ଭାବରେ ଏକ ଆରେକକୁ ସାନ୍ତ୍ୱନା ଦିଅନ୍ତି, ଯେପରିକି ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ସମୟରେ ପ୍ରଥମେ ଉଠିବାର ସୌଭାଗ୍ୟ ପାଇପାରିବୁ ।

**୩) ଆମେ ସର୍ବଦା ପ୍ରଭୁଙ୍କ ସହିତ ରହିବା**

"ସର୍ବଦା ଖ୍ରୀଷ୍ଟଙ୍କ ସହିତ ବଞ୍ଚିବା" ସର୍ବଶ୍ରେଷ୍ଠ ଭରସା ଅଟେ ଓ ଏହା ଏହି ଭରସା ଯାହା ପ୍ରଭୁ ତାଙ୍କଠାରେ ବିଶ୍ୱାସ କରୁଥିବା ଜୀବିତ ଲୋକମାନଙ୍କୁ ପ୍ରଦାନ କରନ୍ତି । ସାଧୁ ପାଉଲ ଲେଖିଛନ୍ତି ଯେ "ଇହ ଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ସେ ଇଚ୍ଛା କରନ୍ତି" (ଫିଲିପ୍ପୀୟ ୧ : ୨୩)

ଯେଉଁମାନେ ଏକ ନିଃସଙ୍ଗ ଜୀବନ କାଟନ୍ତି, ସେମାନେ ଆଦୌ ସାନ୍ତ୍ୱନା ପ୍ରାପ୍ତ ହେବେ ନାହିଁ । ମନୁଷ୍ୟ ନିଃସଙ୍ଗତା ଓ ଶୂନ୍ୟତାକୁ ସହ୍ୟ କରିପାରେ ନାହିଁ । ଏହିପରି ସମୟରେ, ଏହା ଆନନ୍ଦଦାୟକ ବିଷୟ ଅଟେ ଯେ ଆମେ ଯେପରି ପ୍ରଭୁଙ୍କ ସହିତ ଚିରଦିନ ପାଇଁ ରହିବୁ, ଏଥି ନିମନ୍ତେ ଖ୍ରୀଷ୍ଟ ପୁନରାଗମନ କରିବେ ଓ ଏହି ବିଷୟ ଆମକୁ ବାସ୍ତବ ସାନ୍ତ୍ୱନା ଦିଏ । ଯଦିଓ ଆମେ ଏହିପରି ଏକ ଅନନ୍ତ ଜୀବନ ସମ୍ବନ୍ଧରେ ସୁନିଶ୍ଚିତ ଅଟୁ, ତଥାପି ଆମେ ଏହି ଜଗତରେ ଏକ ଖ୍ରୀଷ୍ଟିୟ ଜୀବନ ଯାପନ କରିବା ଆବଶ୍ୟକ ଅଟେ । ଏହିପରି ଏକ ଜୀବନ ଆମକୁ ସାନ୍ତ୍ୱନା ଦେବ ଓ ତାଙ୍କ ଦ୍ୱିତୀୟ ଆଗମନ ପରେ ତାଙ୍କ ସହିତ ଚିରଦିନ ବାସ କରିବା ପାଇଁ ଆମକୁ ପ୍ରସ୍ତୁତ କରିବ । "ହନୋକ ପରମେଶ୍ୱରଙ୍କ ସହିତ ଗମନାଗମନ କରିଥିଲେ" (ଆଦି ୫ : ୫୨) ।

"ପରମେଶ୍ୱରଙ୍କ ନିକଟବର୍ତ୍ତୀ ହେବାରେ ମୋହର ମଙ୍ଗଳ" (ଗୀତସଂହିତା ୭୩ : ୨୮) । ଗୀତରଚକ ଏହା କହିବାର ଆମେ ଦେଖୁ ଯେ ଈଶ୍ୱର ସର୍ବଦା ତାଙ୍କର ସହବର୍ତ୍ତୀ ଅଟନ୍ତି ବୋଲି ଜାଣି ସେ ସନ୍ତୁଷ୍ଟ ଅଟନ୍ତି । ଯେତେବେଳେ ଖ୍ରୀଷ୍ଟ ମରିୟମଙ୍କ ଗର୍ଭରେ ଥିଲେ, ସେତେବେଳେ ତାଙ୍କ ଆତ୍ମା "ତାଙ୍କର ତ୍ରାଣକର୍ତ୍ତା ଈଶ୍ୱରଙ୍କଠାରେ ଆନନ୍ଦ କରିଥିଲା" (ଲୂକ ୧ : ୪୭) । ଖ୍ରୀଷ୍ଟଙ୍କଠାରେ ସହଭାଗିତା ଉନ୍ନତି କରିବା ପାଇଁ ଖ୍ରୀଷ୍ଟିଆନମାନଙ୍କ ଜୀବନ ନିମନ୍ତେ ଏକାନ୍ତ ଆବଶ୍ୟକ ଅଟେ । ସର୍ବଶ୍ରେଷ୍ଠ ସାନ୍ତ୍ୱନା ହେଉଛି, ସଦାପ୍ରଭୁ ପରମେଶ୍ୱର ଆମ ସହିତ ଅଛନ୍ତି ବୋଲି ଜାଣିବା ।

ଯୀଶୁ କହିଛନ୍ତି, "ଦେଖ, ଆମ୍ଭେ ଦ୍ୱାର ନିକଟରେ ଠିଆ ହୋଇ ଆଘାତ କରୁଅଛୁ, ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇଦେବ, ତାହାହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ, ପୁଣି ଆମ୍ଭେ ତାହା ସହିତ ଭୋଜନ କରିବୁ ଓ ସେ ଆମ୍ଭ ସହିତ ଭୋଜନ କରିବ" (ପ୍ରକାଶିତ ୩ : ୨୦) । ଯେଉଁମାନେ ଏହି ମୂଲ୍ୟବାନ୍ ନିମନ୍ତ୍ରଣ ଗ୍ରହଣ କରିବେ, ସେମାନେ ସାନ୍ତ୍ୱନା ପ୍ରାପ୍ତ ହେବେ । ଠିକ୍ ଯେପରି ଶୁଲେମିୟା କହିଥିଲେ, "ସେ ଆପଣା ଭୋଜନ ପାନର ଗୃହକୁ ମୋତେ ଆଣିଲେ, ମୋ ଉପରେ ପ୍ରେମ ହିଁ ତାଙ୍କର ପତାକା ହେଲା" (ପରମ ଗୀତ ୨ : ୪), ସେହିପରି ଆସନ୍ତୁ ଆମେ ତାଙ୍କ ପ୍ରେମର ପତାକା ତଳେ ବାସ କରିବା । ଏହାପରେ ଆମେ ବାସ୍ତବରେ ସାନ୍ତ୍ୱନା ପାଇବା । ଈଶ୍ୱରଙ୍କ ଅନୁଗ୍ରହ ଆପଣଙ୍କର ସହବର୍ତ୍ତୀ ହେଉ ! ।

●●●

## ସମାଚାର

### ବାଲ୍ୟ ବିବାହ ବିରୁଦ୍ଧରେ ଯୁଦ୍ଧ

ବିଗତ ତିନି ଦଶନ୍ଧି ଧରି ବାଲ୍ୟ ବିବାହର ହାର ପ୍ରାୟ ୫୦% ରୁ ୭୦% ହ୍ରାସ ପାଇଥିଲେ ସୁଦ୍ଧା, ଭାରତରେ ଏହା ଶୀର୍ଷ ସ୍ଥାନରେ ରହିଛି । ପ୍ରତିଦିନ ୧୫,୦୦୦ ବାଳିକା (କିମ୍ବା ପ୍ରତିବର୍ଷ ବିଶ୍ୱସ୍ତରରେ ପ୍ରାୟ ୧୫୦ ଲକ୍ଷ ବଧୂ ତୁଳନାରେ ଭାରତରେ ପ୍ରାୟ ୭୦ ଲକ୍ଷ ) ବାଲ୍ୟ ବିବାହର ଶୀକାର ହେଉଛନ୍ତି । ବାଳିକାମାନଙ୍କୁ ବିଦ୍ୟାଳୟ ପରିତ୍ୟାଗ କରିବା ପାଇଁ ବାଧ କରାଯାଉଛି ଓ ସେମାନେ ସେମାନଙ୍କ ସ୍ୱାମୀମାନଙ୍କ ଗୃହରେ କ୍ରୀତଦାସୀ ହେଉଛନ୍ତି । ସେମାନଙ୍କର ଶରୀର ସନ୍ତାନ ପ୍ରସବ ନିମନ୍ତେ ପ୍ରସ୍ତୁତ ନ ଥିବାରୁ, ଯଦି ସେମାନେ ଗର୍ଭବତୀ ହୁଅନ୍ତି, ତେବେ ସେମାନେ ମୃତ୍ୟୁବରଣ କରିବାର ସମ୍ଭାବନା ଥାଏ ।

ଡଃ. ଅଶୋକ ଦ୍ୟାଲ୍‌ଚାନ୍ଦ ୪୦ ବର୍ଷ ଧରି ବାଲ୍ୟ ବିବାହ ବିରୁଦ୍ଧରେ ଓ ବାଳିକାମାନଙ୍କ ପାଇଁ ସମାନ ଅଧିକାର ସପକ୍ଷରେ ଯୁଦ୍ଧ କରୁଛନ୍ତି । ଭେଲୋର ସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ୍ କଲେଜର ପୂର୍ବତନ ଛାତ୍ର, ଡାକ୍ତର ଅଶୋକଙ୍କୁ ଲକ୍ଷ ଲକ୍ଷ ପିଲା ୨୦୧୯ ଶିଶୁ ଅଧିକାରର ଆଦର୍ଶ ବ୍ୟକ୍ତି ଓ "ଶିଶୁମାନଙ୍କର ନୋବେଲ ପୁରସ୍କାର" ଭାବରେ ନାମିତ "ବିଶ୍ୱ ଶିଶୁ ପୁରସ୍କାର" (WCP) ର ବିଜେତା ଭାବରେ ମନୋନୀତ କରିଛନ୍ତି । ଅଶୋକ ଓ ତାଙ୍କର ସଂସ୍ଥା, IHMP ବାଳିକାମାନଙ୍କର କ୍ଲବ ସ୍ଥାପନ କରିଛନ୍ତି ଓ ସେଗୁଡ଼ିକରେ ୫୦୦ ଗ୍ରାମର ପ୍ରାୟ ୫୦,୦୦୦ ବାଳିକା ସେମାନଙ୍କର ଅଧିକାର ବିଷୟରେ ଶିକ୍ଷା ଗ୍ରହଣ କରି ପାରୁଛନ୍ତି ଓ Life skill Education (ବଞ୍ଚିବାର କୌଶଳ ସମ୍ବନ୍ଧୀୟ ଶିକ୍ଷା) ପ୍ରାପ୍ତ ହୋଇ ପାରୁଛନ୍ତି । ଜ୍ଞାନ, ଆତ୍ମ - ବିଶ୍ୱାସ ଓ ଏକ ଆରେକଠାରୁ ସହାୟତା ପାଇ, ଏହି ବାଳିକାମାନେ ବାଲ୍ୟ ବିବାହ ନିମନ୍ତେ ସେମାନଙ୍କୁ ବାଧ ନ କରିବା ପାଇଁ ଓ ସେମାନଙ୍କ ଶିକ୍ଷା ସମାପ୍ତ କରିବା ପାଇଁ ସେମାନଙ୍କ ପିତାମାତାଙ୍କୁ ପରୋଚିତ କରୁଛନ୍ତି ।

(Source: https :// worldschildrensprize.org/ashokstory) - Forerunner(ଅଗଷ୍ଟ ୨୦୧୯) ।



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**"କାରଣ ଈଶ୍ୱର ତୁମ୍ଭମାନଙ୍କର କର୍ମ, ଆଉ ସାଧୁଲୋକମାନଙ୍କର ସେବା କରିଥିବା ଦ୍ୱାରା ଓ ଏବେ ମଧ୍ୟ କରୁଥିବା ଦ୍ୱାରା ତାହାଙ୍କ ନାମ ପ୍ରତି ତୁମ୍ଭେମାନେ ଯେଉଁ ପ୍ରେମ ପ୍ରକାଶ କରିଅଛ, ତାହା ଯେ ଭୁଲିଯିବେ, ଏପରି ଅନ୍ୟାୟକାରୀ ସେ ନୁହଁନ୍ତି (ଏବ୍ରୀ ୬ : ୧୦) ।**

୧୯୮୨ ରେ, ମୋତେ ସେବା କାର୍ଯ୍ୟ ପାଇଁ ଅନେକ ଯାତ୍ରା କରିବାକୁ ଓ ତତ୍ ସଂଗେ ସଂଗେ ମୋର ସ୍ଥାନୀୟ ସେବା କାର୍ଯ୍ୟ ପ୍ରତି ମଧ୍ୟ ମନୋନିବେଶ କରିବାକୁ ପଡିଥିଲା । ସେହି ଦିନଗୁଡ଼ିକରେ, ମୁଁ ମୋର ଡାହାଣ ହାତରେ ଅତିରିକ୍ତ ଯନ୍ତ୍ରଣା ଅନୁଭୂତି ପାଉଥିଲି । ଏହା ଫଳରେ, ମୁଁ ପତ୍ରିକା ପାଇଁ ପ୍ରବନ୍ଧ ଲେଖି ପାରୁ ନ ଥିଲି ଓ ଅନ୍ୟ କେତେକ କାର୍ଯ୍ୟ କରିପାରୁ ନ ଥିଲି । ମୁଁ ମୋର କଲମକୁ ଧରିପାରୁ ନ ଥିଲି ଓ ଗାଡ଼ି ଚଳାଇ ପାରୁ ନ ଥିଲି । ଯଦି ମୁଁ ମୋର ଡାହାଣ ହାତକୁ ମେଜ ଉପରେ ରଖିବାକୁ ଚାହୁଁଥିଲି, ତେବେ ମୁଁ ଏହାକୁ କେବଳ ବାମ ହାତ ସାହାଯ୍ୟରେ ଉଠାଇ ରଖି ପାରୁଥିଲି । ମୁଁ ମୋର ସମସ୍ତ କାର୍ଯ୍ୟ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରୁଥିଲି ! ଅଧିକନ୍ତୁ, ମୁଁ ଅତିଶୟ ଯନ୍ତ୍ରଣା ଭୋଗ କରୁଥିଲି !

ମୁଁ କେବଳ ଯେ ପ୍ରାର୍ଥନା କରୁଥିଲି. ତା' ନୁହେଁ. ମାତ୍ର ମୁଁ କିଛି ବ୍ୟାୟାମ ମଧ୍ୟ କରୁଥିଲି । ଏହି ଅବସ୍ଥା ପ୍ରାୟ ଗୋଟିଏ ବର୍ଷ ଧରି ଲାଗି ରହିଥିଲା । ଯନ୍ତ୍ରଣା ବୃଦ୍ଧି ପାଇବାରୁ, ମୋ ପାଇଁ ଆଉ କୌଣସି ଉପଶମ ନାହିଁ ବୋଲି ମୁଁ ଭାବିଲି ।

**ଈଶ୍ୱର ଏକ ପଥ ସୁଗମ କରିଥିଲେ ।**

ଦିନେ ଈଶ୍ୱରଙ୍କର ଜଣେ ବୃଦ୍ଧ ଦାସ ନିଜ ପତ୍ନୀଙ୍କ ସହିତ ମୋତେ ଦେଖିବାକୁ ଆସିଲେ । ସେ ମୋତେ ତାଙ୍କ ସେବାକାର୍ଯ୍ୟ ସାହାଯ୍ୟ କରିବା ପାଇଁ ଅନୁରୋଧ କଲେ । ମୁଁ ସେମାନଙ୍କୁ ଆମ ମଣ୍ଡଳୀ ଓ ସେବାକାର୍ଯ୍ୟରେ ଅନୁଷ୍ଠିତ ହେଉଥିବା ବିଶେଷ ସଭାଗୁଡ଼ିକରେ ବ୍ୟବହାର କରିବା ଆରମ୍ଭ କଲି । ମୋତେ ତାଙ୍କର ବାର୍ତ୍ତାଗୁଡ଼ିକୁ ଇଂରାଜୀରୁ ତାମିଲକୁ ଅନୁବାଦ କରିବାକୁ ପଡୁଥିଲା ଓ ସେମାନଙ୍କୁ ବିଭିନ୍ନ ସ୍ଥାନକୁ ମଧ୍ୟ ନେବାକୁ ପଡୁଥିଲା । ଈଶ୍ୱର ସେମାନଙ୍କୁ ଅତି ଶକ୍ତିପୂର୍ଣ୍ଣଭାବରେ ବ୍ୟବହାର କରୁଥିଲେ । ଅନେକ ଲୋକ ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲେ । ଅନେକ ଲୋକ କିପରି ଦୀର୍ଘସ୍ଥାୟୀ ପିଠି ଯନ୍ତ୍ରଣା, ଗଳା ଯନ୍ତ୍ରଣା, ଇତ୍ୟାଦିରୁ ଉଦ୍ଧାର ପାଉଥିଲେ, ତାହା ମୁଁ ନିଜେ ମଧ୍ୟ ମୁକ୍ତି ପାଇଥିଲେ । ମାତ୍ର ମୁଁ ତାଙ୍କୁ ମୋର ହାତ ଯନ୍ତ୍ରଣା ବିଷୟରେ କେବେ କିଛି କହି ନ ଥିଲି ।

ସେହି ଦମ୍ପତି ଅତି ବୃଦ୍ଧ ହୋଇଥିବାରୁ, ମୋତେ ସେମାନଙ୍କର ଦୁଇଟି ସୁଟକେଶ ଓ ମୋର ନିଜର ଗୋଟିଏ ସୁଟକେଶ ବହନ କରିବାକୁ ପଡୁଥିଲା । ମୁଁ ମୋର ହାତର ଯନ୍ତ୍ରଣା ସତ୍ତ୍ୱେ, ଖୁସିରେ ତାହା କରୁଥିଲି । ଅନେକ ଥର ଈଶ୍ୱରଙ୍କର ସେହି ବ୍ୟକ୍ତି ମୋତେ ପଚାରୁଥିଲେ, "ଭାଇ, ମୁଁ ଏହିସବୁ ବୋହିବାରେ ସାହାଯ୍ୟ କରି ପାରିବି କି ? ଆପଣ ଠିକ୍ ଅଛନ୍ତି ତ ?" ଥରେ ଯେତେବେଳେ ଆମେ କେରଳର ମୁନାରରେ ଥିଲୁ, ସେତେବେଳେ ମୁଁ ଆମର ସମସ୍ତ ଜିନିଷପତ୍ର ବସ୍ ଭିତରେ ରଖିବାକୁ ଚେଷ୍ଟା କରୁଥିଲି, ମାତ୍ର ଦୁର୍ଭାଗ୍ୟବଶତଃ, ଆମର ସମସ୍ତ ସୁଟକେଶ ଓ ଅନ୍ୟ ଯାତ୍ରୀମାନଙ୍କର ଜିନିଷପତ୍ର ମୋ' ଆଡକୁ ଢଳି ମୋ ଉପରେ ପଡିଗଲା ଓ ମୁଁ ତଳେ ପଡିଗଲି । ସମସ୍ତ ଯାତ୍ରୀ କିପରି ଚିତ୍କାର କରି ମୋତେ ସେହି ଜିନିଷପତ୍ର ଗଦା ମଧ୍ୟରୁ ବାହାରି ଆସିବାରେ ସାହାଯ୍ୟ କରିଥିଲେ, ତାହା ମୁଁ ଆଦୌ ଭୁଲି ପରିବି ନାହିଁ । ମୋ ଡ଼ାହାଣ ହାତର ଯନ୍ତ୍ରଣା ଦିନକୁ ଦିନ ବୃଦ୍ଧି ପାଉଥିଲା । ମୁଁ ଜିନିଷପତ୍ର ବୋହିବା ସହିତ ମୋର ଅନୁବାଦ କାର୍ଯ୍ୟ ମଧ୍ୟ ଅବ୍ୟାହତ ରଖିଥିଲି

ଶେଷରେ ସେହି ଦମ୍ପତି ଭାରତରେ ସେମାନଙ୍କ ସେବାକାର୍ଯ୍ୟ ସମାପ୍ତ କରି ଚେନ୍ନାଇରୁ ବିମାନ ଯୋଗେ ସେମାନଙ୍କ ଦେଶକୁ ଫେରି ଯାଇଥିଲେ । ଯେତେବେଳେ ମୁଁ ସେମାନଙ୍କୁ ବିଦାୟ ଜଣାଇବା ପାଇଁ ବିମାନ ବନ୍ଦରକୁ ଯାଇଥିଲି, ସେତେବେଳେ ମୋର ଯନ୍ତ୍ରଣା ଅସହ୍ୟ ଥିଲା । ମାତ୍ର ସେମାନଙ୍କୁ ବିମାନ ବନ୍ଦରରେ ଛାଡି ଫେରିବା ମାତ୍ରେ, ଗୋଟିଏ ବର୍ଷ ଧରି ଯେଉଁ ଯନ୍ତ୍ରଣା ମୁଁ ଅନୁଭବ କରୁଥିଲି, ତାହା ସଂପୂର୍ଣ୍ଣ ଭାବରେ ଅଦୃଶ୍ୟ ହୋଇଯାଇଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ, ମୁଁ ମୋ ହାତକୁ ଅବାଧରେ ହଲାଇ ପାରୁଛି ଓ ସମସ୍ତ ପ୍ରକାର କାର୍ଯ୍ୟ କରିପାରୁଛି ।

ବର୍ତ୍ତମାନ ସେହି ଯନ୍ତ୍ରଣାର ଅନୁଭୂତି ପର ଠାରୁ ପ୍ରାୟ ୩୦ ବର୍ଷ ବିତିଯାଇଛି ! ମୁଁ ଆଉ କେବେ ସେହି ପ୍ରକାର ଯନ୍ତ୍ରଣା ଅନୁଭବ କରିନାହିଁ । ମୁଁ ଏକ ଆଶ୍ଚର୍ଯ୍ୟଜନକ ସୁସ୍ଥତା ପାଇଥିଲି । ସତ୍ୟ ବିଷୟ ହେଉଛି, ମୁଁ ମୋର ଶାରୀରୀକ ଯନ୍ତ୍ରଣାକୁ ଭ୍ରୁକ୍ଷେପ ନ କରି ସେମାନଙ୍କର ସେବା କରିଥିବାରୁ, ଯେଉଁ ସୁସ୍ଥକାରୀ ଶକ୍ତି ସେହି ଦମ୍ପତିଙ୍କ ଠାରେ ଥିଲା, ତାହା ମୋର ଉପରକୁ ଆସିଥିଲା ଓ ମୋତେ ସୁସ୍ଥ କରିଥିଲା । ମୁଁ ପରେ ମୋ ଜୀବନରେ ଆଉ କେବେ ଈଶ୍ୱରଙ୍କର ସେହି ଦାସମାନଙ୍କୁ ଦେଖି ନାହିଁ । ମୁଁ ସେମାନଙ୍କ ସହିତ ଯୋଗାଯୋଗ ମଧ୍ୟ କରିପାରି ନ ଥିଲି । କେବଳ ସେମାନଙ୍କର ନାମ ମୋର ମନେଅଛି : ଶ୍ରୀଯୁକ୍ତ ହେଜେସ୍ ଓ ସାଲୀ ହେଜେସ୍ ।

ଆଜି ଈଶ୍ୱର ମୋତେ ଅନେକ ସହ - ପାଳକ ଓ କାର୍ଯ୍ୟକାରୀମାନଙ୍କୁ ଦେଇ ପ୍ରଚୁରଭାବେ ଆଶୀର୍ବାଦ କରିଛନ୍ତି ଓ ଗୋଟିଏ ଶିଶୁ ଭଳି ମୋର ଯତ୍ନ ନିଆଯାଉଛି । ଈଶ୍ୱର ମୋତେ ଉତ୍ତମ ଭାବେ ସୁରକ୍ଷା ଦେଉଛନ୍ତି । ମୋତେ ସାହାଯ୍ୟ କରିବା ପାଇଁ ଈଶ୍ୱରଙ୍କର ଅନେକ ଲୋକ ପ୍ରସ୍ତୁତ ଅଛନ୍ତି । ମୁଁ ସମଗ୍ର ପୃଥିବୀର ଯେଉଁ ସ୍ଥାନକୁ ଗଲେ ମଧ୍ୟ, ସେଠାରେ ମୋତେ ସାହାଯ୍ୟ କରିବା ପାଇଁ, ଈଶ୍ୱର ଅନେକ ଉତ୍ତମ ଓ ଧାର୍ମିକ ଲୋକଙ୍କୁ ଯୋଗାଡ଼ ଅଛନ୍ତି ।

ପ୍ରିୟ ପାଠକ, ଆପଣ ସେବାକାର୍ଯ୍ୟରେ ଯେଉଁ ରାସ୍ତାରେ ଯାତ୍ରା କରୁଛନ୍ତି, ତାହା କଷ୍ଟକର ଅଟେ କି ? ଈଶ୍ୱର କାହିଁକି ଆପଣଙ୍କୁ କ୍ଷୁଧାରେ, ଭୋକିଲାରେ, ରୋଗରେ ଓ ଋଣରେ ରହିବା ପାଇଁ ଅନୁମତି ଦେଇଛନ୍ତି - ଏହା ଭାବି ଆପଣ ତିକ୍ତତା ଅନୁଭବ କରୁଛନ୍ତି କି ? ଈଶ୍ୱରଙ୍କର ଅନ୍ୟ ଦାସମାନେ ଏକ ବିଳସପୂର୍ଣ୍ଣ ଜୀବନ କାଟୁଥିବା ସମୟରେ କେବଳ ଆପଣ କାହିଁକି ଏତେ ଦିନ ଧରି ଏହି କଷ୍ଟ ଭୋଗୁଛନ୍ତି ବୋଲି ଭାବୁଛନ୍ତି କି ? ବ୍ୟସ୍ତ ହୁଅନ୍ତୁ ନାହିଁ । ଈଶ୍ୱରଙ୍କ ପାଇଁ ଆପଣ ଯେତେ କ୍ଷୁଦ୍ର କାର୍ଯ୍ୟ କଲେ ସୁଦ୍ଧା ଓ ଆପଣ ଯେତେ ବଡ଼ ପରୀକ୍ଷା ମଧ୍ୟ ଦେଇ ଗତି କଲେ ସୁଦ୍ଧା, ସେଗୁଡ଼ିକ ସବୁ ଈଶ୍ୱରଙ୍କର ସ୍ମରଣାର୍ଥକ ପୁସ୍ତକରେ ଲେଖାଯାଏ । ଯାଥାର୍ଥ ସମୟରେ, ଈଶ୍ୱର ସେଗୁଡ଼ିକୁ ସଜୀବ କରିବେ ଓ ସୁଗୁଡ଼ିକୁ ଆପଣଙ୍କ ପାଇଁ ଏକ ଆଶୀର୍ବାଦରେ ପରିଣତ କରିବେ । "ଯେଉଁମାନେ ସଦାପ୍ରଭୁଙ୍କ ପାଇଁ ଅପେକ୍ଷା କରନ୍ତି, ଯେଉଁ ପ୍ରାଣ ତାହାଙ୍କର ଅନ୍ୱେଷଣ କରେ, ତାହା ପ୍ରତି ସେ ମଙ୍ଗଳମୟ ଅଟନ୍ତି" (ବିଳାପ ୩ : ୨୫) ।

● ● ●

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡ଼ାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ - ଟ. ୧୦୦/-,**

**ଆଜୀବନ ସଭ୍ୟଚାନ୍ଦା = ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ। ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାଯତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ ( D.D, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନ ଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ-ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street,
Chepauk, Chennai - 600 005, India
Phone : ( +91-44) 2852 8282 / 2852 9293
Mob - 9841071852, 95661 31858
E-Mail : sam@echoofhiscall.org/
biblecor@yahoo.co.in
Website: www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା)।
୨. ବାଇବଲ କୋର - ପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ,ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ,ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡିଆ , ନେପାଳୀ,ଆସାମୀ, ପଞ୍ଜାବୀ , ଉର୍ଦ୍ଦୁ , ସିଂହଳ ଓ ଆଫ୍ରିକାନସ୍ )
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟିକେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ଚଳଚ୍ଚିତ୍ର ସେବା ଓ ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ।
୧୩. ତାମିଲ ଉପାସନା - ରବିବାର ସକାଳ ଘ. ୫.୦୦,୭.୦୦ ଓ ସକାଳ ୧୦.୦୦
୧୪. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ.୪.୦୦
୧୫. ହିନ୍ଦୀ ଉପାସନା - ରବିବାର ସଂଧ୍ୟା ଘ. ୫.୦୦
୧୬. ମାଲୟାଲାମ୍ ଉପାସନା - ରବିବାର ସଂଧ୍ୟା ଘ. ୫.୦୦
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସଂଧ୍ୟା ୬.୦୦ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ - ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳା ମାନଙ୍କର ପ୍ରାର୍ଥନା ସଭା - ବୁଧବାର ସଂଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ-ସପ୍ତାହ ବାଇବଲ ଅଧ୍ୟୟନ - ବୁଧବାର ସଂଧା ଘ. ୬.୩୦ ମିନିଟ୍ ।
୨୧. ପୁରୁଷ ମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସଂଧ୍ୟା ୬.୩୦ମିନିଟ୍ ।
୨୨. ଶନିବାର ଉପାସନା - ଶନିବାର ସନ୍ଧ୍ୟା ୫.୦୦ ଘଟିକା
୨୩. କର୍ମଚ୍ଚରୀ ମାନଙ୍କର ସଭା - ଶନିବାର ସଂଧ୍ୟା ୬.୦୦ ଘଟିକା।
୨୪. ଗୃହ ସଭା - ମଙ୍ଗଳବାର , ଗୁରୁବାର, ସଂଧା ଘ. ୬.୩୦ ମିନିଟ୍ ।
୨୫ ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୬. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସଂଧା ୫.୩୦ ଘଟିକା ।
୨୭. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସଂଧା ୪.୦୦ ଘଟିକା ।
୨୮. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି. (ରାତ୍ର)
୨୯. ଉପବାସ ପ୍ରାର୍ଥନା - ପ୍ରଥମ ଶନିବାର ସକାଳ ୯ .୩୦ଘଟିକା
୩୦. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା
୩୧. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ.୫.୦୦
୩୨. କର୍ମଚାରୀ ମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ମି.
୩୩. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ.୯.୦୦ମି. ଠାରୁ ରାତ୍ର ୯.୦୦(ରବିବାର ବ୍ୟତୀତ)

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th FEBRUARY 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**